ବର୍ଷ-୨୫, ସଂଖ୍ୟା-୫୫
ଭୁବନେଶ୍ୱର
୨୫, ଫେବୃଆରୀ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 55
Bhubaneswar
25 February, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


ରଚିନଙ୍କ ଶତକ

# ଚାଷୀଙ୍କୁ ମିଳିଲା ପିଏମ୍-କିଷାନ ଯୋଜନାର ୧୯ତମ କିସ୍ତି

ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାରର ଭାଗଲପୁରରୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ-କିଷାନ) ଯୋଜନାର ୧୯ତମ କିସ୍ତି ଜାରି କରିଛନ୍ତି। ଡିବିଟି ଜରିଆରେ ୨ ହଜାର ଟଙ୍କା ଚାଷୀଙ୍କ ଆକାଉଣ୍ଟକୁ ଆସିଛି। ଚାଷୀଙ୍କ ମୋଟ ଆକାଉଣ୍ଟକୁ ୨୨ ହଜାର କୋଟି ପଠାଯାଇଛି। ଏହା ମାଧ୍ୟମରେ ଓଡ଼ିଶାର ୩୪.୯୮ ଲକ୍ଷରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଏହି ଯୋଜନା ଦ୍ୱାରା ସାରା ଦେଶରେ ୯୮ ନିୟୁତରୁ ଅଧିକ କୃଷକ ଉପକୃତ ହେବେ ଏଥର ୧୯ତମ କିସ୍ତିରେ ୨୨ ହଜାର କୋଟିରୁ ଅଧିକ ଟଙ୍କା ବଣ୍ଟନ କରାଯାଇଛି। ଏହି ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇଛି। ଏଥିରେ ବିହାରର ୭.୬ ନିୟୁତ କୃଷକ ଅଛନ୍ତି, ଯେଉଁମାନଙ୍କ ଖାତାକୁ ପ୍ରାୟ ୧୬୦୦ କୋଟି ଟଙ୍କା ପ୍ରେରଣ କରାଯାଇଛି।

ଏହି ଅବସରରେ ମୋଦୀ କହିଛନ୍ତି, ଆଜି ଦେଶର କୋଟି କୋଟି କୃଷକଙ୍କ ଆକାଉଣ୍ଟରେ ଟଙ୍କା ପହଂଚିଛି। କିଷାନ ସମ୍ମାନ ନିଧିର କିସ୍ତି ଜାରି କରାଯାଇଛି। ଆଜି



ବିହାରର ୭୫ ଲକ୍ଷରୁ ଅଧିକ କୃଷକ ପରିବାରର ଆକାଉଣ୍ଟକୁ ୧.୬ ବିଲିୟନରୁ ଅଧିକ ଟଙ୍କା ଜମା କରାଯାଇଛି। କିଷାନ ନିଧିର କିସ୍ତି ଗୋଟିଏ କ୍ଲିକରେ ପ୍ରତ୍ୟେକ କୃଷକଙ୍କ ଆକାଉଣ୍ଟରେ ଜମା କରାଯାଇଛି। କେନ୍ଦ୍ରରେ ଏନ୍‌ଡିଏ ସରକାର ହେଉ କି ବିହାର, କୃଷକ କଲ୍ୟାଣ ଆମର ସର୍ବୋଚ୍ଚ ପ୍ରାଥମିକତା ଗତ ଏକ ଦଶନ୍ଧି ମଧ୍ୟରେ ଆମେ ପୂରା ଶକ୍ତି ସହ କାମ କରିଛୁ।

ପ୍ରଧାନମନ୍ତ୍ରୀ-କିଷାନ ଯୋଜନାର ୧୯ତମ କିସ୍ତି ପ୍ରଦାନ ଦ୍ୱାରା ସାରା ଦେଶରେ ୯.୮ କୋଟିରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ସେହିପରି ଓଡ଼ିଶାରୁ ୩୪.୯୮ ଲକ୍ଷରୁ ଅଧିକ ଚାଷୀ ସିଧାସଳଖ ଆର୍ଥିକ ସହାୟତା ପାଇଛନ୍ତି। ଏନେଇ ପ୍ରମୁଖ କୃଷି ସଚିବ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ-କିଷାନ ଯୋଜନାରେ ଓଡ଼ିଶାର ଅନେକ ଚାଷୀ ଯୋଗ ଦେଇଥିବା ଉଲ୍ଲେଖ କରି ସେ କହିଛନ୍ତି ଯେ, ସାମ୍ପ୍ରତିକ ପ୍ରୟାସ ଯୋଗୁ ଅଂଶଗ୍ରହଣରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୩.୪୩ ଲକ୍ଷରୁ ଅଧିକ ଚାଷୀଙ୍କ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ସେ କହିଛନ୍ତି।

ଚଳିତ ବର୍ଷ ପ୍ରଧାନମନ୍ତ୍ରୀ-କିଷାନ ଯୋଜନାରେ ଓଡ଼ିଶାର ୩୪,୯୮,୧୪୭ ଜଣ ଚାଷୀ ଉପକୃତ ହୋଇଛନ୍ତି। ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ୩,୪୩,୪୪୭ ଜଣ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ସେ କହିଛନ୍ତି।

ଗତ ବର୍ଷ ବିଭିନ୍ନ କାରଣରୁ ପ୍ରତ୍ୟାଖ୍ୟାନ ହୋଇଥିବା କିମ୍ବା ବାଦ୍ ପଡ଼ିଥିବା ଚାଷୀମାନଙ୍କୁ ପଞ୍ଜିକରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଯୋଗୁ ଚାଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହି ସୁବିଧା ପାଇବା ପାଇଁ ଅଧିକ ଚାଷୀ ଏବେ ନିର୍ଦ୍ଦିଷ୍ଟ ପୋର୍ଟାଲ୍ ମାଧ୍ୟମରେ ପଞ୍ଜିକରଣ କରିପାରିବେ ବୋଲି ସେ କହିଛନ୍ତି। କୌଣସି ଚାଷୀ ଯେପରି ବାଦ୍ ନପଡ଼ନ୍ତି, ସେଥିପାଇଁ ଯେଉଁମାନେ ଏହି ଯୋଜନାରେ ସାମିଲ ହୋଇନାହାନ୍ତି। ସେମାନଙ୍କୁ ପୋର୍ଟାଲ୍ ମାଧ୍ୟମରେ ଆବେଦନ ଦାଖଲ କରିବାକୁ ଉତ୍ସାହିତ କରାଯାଉଛି।ଏହି ପଦକ୍ଷେପ ଚାଷୀମାନଙ୍କୁ ଆର୍ଥିକ ସହାୟତା ଏବଂ କୃଷି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ପ୍ରୟାସର ଏକ ଅଂଶ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ରାଜ୍ୟ ସାରା କୃଷକମାନଙ୍କ ପାଇଁ ଅନ୍ତର୍ଭୁକ୍ତ ସହାୟତା ସୁନିଶ୍ଚିତ କରିବା, ସେମାନଙ୍କ ଜୀବିକା ବୃଦ୍ଧି କରିବା ଏବଂ କୃଷି ଉତ୍ପାଦକତାରେ ଉନ୍ନତି ଆଣିବା ଚାଷୀମାନଙ୍କୁ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରୁଥିବା ପ୍ରଧାନମନ୍ତ୍ରୀ-କିଷାନ ଯୋଜନା, ସାରା ଭାରତରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଜୀବିକା ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

# ବାଂଲାଦେଶ ହିନ୍ଦୁଙ୍କ ଉପରେ ଅତ୍ୟାଚାର ମାମଲାର ଶୁଣାଣି କଲେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୪।୨(ମହାଭାରତି): ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରସଙ୍ଗ ଉଠାଇଥିବା ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଏହା ଅନ୍ୟ ଦେଶର ମାମଲା। ଆବେଦନରେ କେନ୍ଦ୍ର ସରକାରଙ୍କୁ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଥିଲା, କିନ୍ତୁ କୋର୍ଟ କହିଥିଲେ ଯେ ଏହା ବୈଦେଶିକ ନୀତି ସମ୍ପର୍କରେ ସରକାରଙ୍କୁ ନିର୍ଦ୍ଦେଶ ଦିଏ ନାହିଁ।

ଲୁଧିଆନାର ଶିଳ୍ପପତି ରାଜେଶ ଧଣ୍ଡା ଓକିଲ ମନୋହର ପ୍ରତାପଙ୍କ ମାଧ୍ୟମରେ ଏହି ଆବେଦନ ଦାଖଲ କରିଥିଲେ। ବରିଷ୍ଠ ଓକିଲ ମୁକୁଲ ରୋହତଗୀ ଆବେଦନ ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ, କିନ୍ତୁ ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ଅକ୍ଷମତା ପ୍ରକାଶ କରିଥିଲେ। ଏହା ପରେ ରୋହତଗୀ ଆବେଦନ ପ୍ରତ୍ୟାହାର କରିନେଇଥିଲେ। ଶୁଣାଣି ସମୟରେ ମୁକୁଲ ରୋହତଗୀ କହିଥିଲେ ଯେ ଆବେଦନକାରୀ ଇସ୍କନ ସହିତ ଜଡିତ ଏବଂ ସେ ଗୋଶାଳା ଚଳାଇବା ସମେତ ଅନେକ କଲ୍ୟାଣକାରୀ କାର୍ଯ୍ୟ କରନ୍ତି। ବାଂଲାଦେଶରେ ହିନ୍ଦୁମାନଙ୍କ ଅବସ୍ଥା ଦେଖି ସେ ଚିନ୍ତିତ। ଆବେଦନରେ



ଏହା ମଧ୍ୟ ଦାବି କରାଯାଇଥିଲା ଯେ ବାଂଲାଦେଶରୁ ଆସୁଥିବା ହିନ୍ଦୁମାନଙ୍କ ପାଇଁ ନାଗରିକତା ସଂଶୋଧନ ଆଇନ (ସିଏଏ) ଅନୁଯାୟୀ ନିର୍ଦ୍ଧାରିତ ୨୦୧୪ ମସିହାର କଟ-ଅଫ ତାରିଖକୁ ବୃଦ୍ଧି କରାଯାଉ। ଆବେଦନରେ କିଛି ଉଦାହରଣ ଦିଆଯାଇଥିଲା, ଯେଉଁଠାରେ ଏକ ଦେଶର ସରକାର ଅନ୍ୟ ଏକ ଦେଶର ମାମଲାରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)ଙ୍କ ନିକଟକୁ ଯାଇଥିଲେ। ବୈଦେଶିକ ମନ୍ତ୍ରଣାଳୟ ବ୍ୟତୀତ, ଆବେଦନକାରୀ ଜାତିସଂଘ (ୟୁଏନଓ)କୁ ମଧ୍ୟ ଏକ ପକ୍ଷ କରିଥିଲେ ଏବଂ ସେମାନଙ୍କଠାରୁ ଉତ୍ତର ମାଗିଥିଲେ, କିନ୍ତୁ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବାକୁ ରାଜି ହୋଇ ନଥିଲେ।

# ଅଯୋଧ୍ୟାରେ ଓଡ଼ିଆଙ୍କ ପାଇଁ ଅତିଥି ଭବନ





## ରାମଲଲାଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ
## ଜମି ପାଇଁ ଯୋଗୀଙ୍କ ସହ କରିବେ ଆଲୋଚନା

ଅଯୋଧ୍ୟା,୨୪।୨(ମହାଭାରତଜ): ଅଯୋଧ୍ୟାରେ ରାମଲଲାଙ୍କ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଅଯୋଧ୍ୟାରେ ଓଡ଼ିଶାବାସୀଙ୍କ ଲାଗି ଅତିଥି ଭବନ ନିର୍ମାଣ କରାଯିବ।

ୟୁପି ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସପତ୍ନୀକ ଆଜି ଶ୍ରୀରାମ ମନ୍ଦିର ଯାଇ ରାମଲଲାଙ୍କ ଦିବ୍ୟ ଦର୍ଶନ କରିଛନ୍ତି। ଏହି ଅବସରରେ ସେ ସମସ୍ତଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି। ଲୋକଙ୍କ ସେବା ଓ ନ୍ୟାୟ ପାଇଁ ଭଗବାନ ଶ୍ରୀରାମ ପଥ ଦେଖାନ୍ତୁ ବୋଲି ସେ କାମନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରୁ ବହୁ ଲୋକ ଅଯୋଧ୍ୟା ଆସି ରାମଲାଲାଙ୍କ ଦର୍ଶନ କରୁଛନ୍ତି। ଏଣୁ ସେମାନଙ୍କ ରହିବା ଲାଗି ଓଡ଼ିଶା ସରକାର ଅତିଥି ଭବନ ନିର୍ମାଣ କରିବେ। ଏଥିଲାଗି ମୁଁ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ କଥା ହେବି। ଉତ୍ତର ପ୍ରଦେଶ ସରକାର ଜମି ଯୋଗାଇଦେବା ମାତ୍ରେ ଅତିଥି ଭବନ ନିର୍ମାଣ କାମ ଆରମ୍ଭ ହେବ।

# ପରୀକ୍ଷାରେ କପି କରି ଧରାପଡ଼ିଲେ ୮ ଛାତ୍ର

ଭୁବନେଶ୍ୱର,୨୪।୨ (ମହାଭାରତ) : ଆଜି ରାଜ୍ୟରେ ଦଶମ ବୋର୍ଡ ପରୀକ୍ଷାର ଇଂରାଜୀ ପତ୍ରରେ କପି କରି ୮ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି।ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସଇ)ର ସୂଚନା ଅନୁଯାୟୀ, ଆଜି ଇଂରାଜୀ, ହିନ୍ଦୀ, ପରିବେଶ ଏବଂ ଜନସଂଖ୍ୟା ଶିକ୍ଷା (କେବଳ ଶ୍ରବଣ ବାଧିତ ପ୍ରାର୍ଥୀଙ୍କ ପାଇଁ) ପରୀକ୍ଷା ସମୟରେ ଆଠ ଜଣ କପି କରି ଏଆଇ କ୍ୟାମେରା ସହାୟତାରେ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି।ରାଜ୍ୟର ୩୧୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫,୨୨,୩୩୬ ଜଣ ପରୀକ୍ଷାର୍ଥୀ ଓଡ଼ିଶା ବୋର୍ଡ ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପରୀକ୍ଷାକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପାଇଁ ୪୨ଟି ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀମାନେ ପରୀକ୍ଷା ସମୟରେ କପି ରୋକିବା ପାଇଁ ୯୦ଟି ଟିମ୍ ଗଠନ କରିଛନ୍ତି। ଏହା ବ୍ୟତୀତ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଦ୍ୱାରା ମଧ୍ୟ ସ୍କ୍ୱାଡ୍ ଗଠନ କରାଯାଇଛି।

# ସହର ଜଗିବ ଏଆଇ କ୍ୟାମେରା

ଭୁବନେଶ୍ୱର,୨୪।୨(ମହାଭାରତ) : ଅପରାଧ, ଅପରାଧୀ ଏବଂ ଟ୍ରାଫିକ୍ ଉଲ୍ଲଂଘନ ବିରୁଦ୍ଧରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ପାଇଁ କଟକ ଏବଂ ଭୁବନେଶ୍ୱରର ଟ୍ୱିନ୍ ସିଟିରେ ଖୁବ୍ ଶୀଘ୍ର ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଲଗାଯିବ। ସୋମବାର ଟ୍ୱିନ୍ ସିଟି ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଏହା ଘୋଷଣା କରିଛନ୍ତିୟ

ପୋଲିସ କମିଶନର କହିଛନ୍ତି ଯେ ଇଓ-ସକ୍ଷମ କ୍ୟାମେରା ବ୍ୟବହାର ଏହି ଦ୍ରୁତ ସହରୀକରଣ ହେଉଥିବା ସହରଗୁଡ଼ିକରେ ସାଧାରଣ ସୁରକ୍ଷାକୁ ସୁଦୃଢ଼ କରିବ।ନୂତନ ଇଓ ପ୍ରଯୁକ୍ତିବିଦ୍ୟା ଟ୍ରାଫିକ ଅପରାଧୀ ଏବଂ ଅପରାଧିକ କାର୍ଯ୍ୟକଳାପ ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବ୍ୟସ୍ତବହୁଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଏପରି ନବସୃଜନର ଆବଶ୍ୟକତା ଉପରେ ପୋଲିସ କମିଶନର ଆଲୋକପାତ କରିଥିଲେ।



ଏଆଇ କ୍ୟାମେରା ଲାଗିବା ସହିତ, ଯୋଜନାଗୁଡ଼ିକ ମଧ୍ୟରେ କ୍ଲୋଜ୍ ସର୍କିଟ୍ ଟେଲିଭିଜନ (ସିସିଟିଭି) କଭରେଜ୍ ବିସ୍ତାର କରିବା ଏବଂ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରୟାସଗୁଡ଼ିକର ଲକ୍ଷ୍ୟ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ନିରୀକ୍ଷଣ ପ୍ରଦାନ କରିବା, ଯାହା ଦ୍ୱାରା ସୁରକ୍ଷା ବୃଦ୍ଧି ଏବଂ ବାସିନ୍ଦାଙ୍କ ମନର ଶାନ୍ତି ବୃଦ୍ଧି କରିବା।

ପୋଲିସ କମିଶନରଙ୍କ ଅନୁଯାୟୀ, ଭୁବନେଶ୍ୱର ଏକ ସ୍ମାର୍ଟ ସିଟି ଏବଂ ଅନେକ ପ୍ରମୁଖ ଛକରେ ପୂର୍ବରୁ ୧୦୦୦ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଜନସଂଖ୍ୟା ବୃଦ୍ଧି ଏବଂ ଅନ୍ୟାନ୍ୟ ଦିଗକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଏପରି କ୍ୟାମେରା ପର୍ଯ୍ୟାପ୍ତ ନୁହେଁ।

ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ମୁହଁ ଚିହ୍ନଟ ସହିତ ସଜ୍ଜିତ ହେବ ଯାହା ଦ୍ୱାରା ଅପରାଧୀମାନଙ୍କୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇପାରିବ ଏବଂ ସମ୍ପୂର୍ଣ୍ଣ ବିଶ୍ଳେଷଣ ଏଆଇ-ସକ୍ଷମ ହେବ। ଏହା କମିଶନରେଟ୍ ପୋଲିସ ଦ୍ୱାରା ସେବା ପ୍ରଦାନ, ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପରେ ଅଧିକ ଦକ୍ଷତା ଆଣିବ, ପୋଲିସ କମିଶନର କହିଛନ୍ତି। ଅଞ୍ଚଳଗୁଡ଼ିକୁ ବିଚାରକୁ ନେଇ ଏବଂ ନାଗରିକ ସମାଜ ଏବଂ ଅନ୍ୟମାନଙ୍କ ପରାମର୍ଶ ଆଧାରରେ ସମ୍ପୃକ୍ତ ପୋଲିସ ଷ୍ଟେସନ ଦ୍ୱାରା କରାଯାଇଥିବା ଏକ ଅଭ୍ୟାସ ଅନୁଯାୟୀ ଏଆଇ କ୍ୟାମେରା ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। କମିଶନରେଟ୍ ପୋଲିସ ଅନେକ ଚୋରି ଏବଂ ଅନ୍ୟାନ୍ୟ ମାମଲା ଚିହ୍ନଟ କରିଛି। ଏହିପରି ମାମଲା କମିଶନରେଟ୍ ପୋଲିସ ପାଇଁ ଏକ ଶିକ୍ଷା ଥିଲା ଏବଂ ଅଧିକ ସିସି ଟିଭି କ୍ୟାମେରା ସ୍ଥାପନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା, ଯାହା ସାଧାରଣ ସହଭାଗୀତା ମାଧ୍ୟମରେ ମଧ୍ୟ ସମ୍ଭବ, ସେ କହିଛନ୍ତି।

# ସମ୍ବଲପୁରରେ 'ମିଶନ ବାତ୍ସଲ୍ୟ' ଯୋଜନା ଆରମ୍ଭ

ସମ୍ବଲପୁର,୨୪।୨(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଠାରେ 'ମିଶନ ବାତ୍ସଲ୍ୟ ଯୋଜନା' ଅନ୍ତର୍ଭୁକ୍ତ ଅନାଥ ଓ ଅନଗ୍ରସର ପିଲାମାନଙ୍କ ସହାୟତା ପାଇଁ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସହାୟତା ରାଶି ବିତରଣ କରିଛନ୍ତି । ଏହ ଯୋଜନାରେ ଯୋଜନାରେ ଜିଲ୍ଲାର ୨୬୬ ଜଣ ପିଲାଙ୍କୁ ମାସିକ ୪ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ସମ୍ବଲପୁର ଜିଲ୍ଲାରେ ଥିବା ଅନାଥ ପିଲାଙ୍କ ଯତ୍ନ ନେବାକୁ ସେ ପରାମର୍ଶ ଦେଇଛନ୍ତି।

ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ମିଶନ ବାତ୍ସଲ୍ୟ ଯୋଜନା ଅଧୀନରେ ହଜାର ହଜାର ନିରାଶ୍ରୟ କୋମଳମତି ଶିଶୁଙ୍କୁ ନୂଆ ରାହା ଦେଖାଇବାର ଏହା ଏକ ଭଲ ପ୍ରୟାସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ପ୍ରତ୍ୟେକ ପିଲାଙ୍କ ପାଇଁ ଏକ ସୁସ୍ଥ ଏବଂ ସୁଖମୟ ଶୈଶବ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ଆଗକୁ ବଢିବାରେ ସହଯୋଗ କରିବା ଏହି ମିଶନର ମୁଖ୍ୟ ଉଦ୍ଦେଶ୍ୟ ।

ଏହି ଯୋଜନା ଏହି ବର୍ଗର ପିଲାମାନଙ୍କୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ମାସିକ ୪ ହଜାର ଟଙ୍କାର ସହାୟତା ଦିଆଯାଉଛି। ଆଜି ସମ୍ବଲପୁର ଜିଲ୍ଲାରେ ୧୬୩ ଜଣ ପିଲା ମିଶନ ବାତ୍ସଲ୍ୟ ଯୋଜନାରେ ସାମିଲ ହୋଇଛନ୍ତି। ପୂର୍ବରୁ ୧୩୩ ଜଣ ପିଲାଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲା। ଏଣିକି ସମ୍ବଲପୁର ଜିଲ୍ଲାର ମୋଟ ୨୬୬ ପିଲା ମିଶନ ବାତ୍ସଲ୍ୟ ଯୋଜନାରେ ମାସକୁ ୪ ହଜାର ଟଙ୍କା ଆର୍ଥିକ ସହାୟତା ମିଳିବ। ପିଲାମାନେ ସେମାନଙ୍କ ବୟସର ଭିନ୍ନ ଭିନ୍ନ ପର୍ଯ୍ୟାୟ ଦେଇ ଗତି କରୁଥିବା ବେଳେ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ସମ୍ବେଦନଶୀଳ ତଥା ଅନୁକୂଳ ପରିବେଶ ଉପଲବ୍ଧ କରିବା ହିଁ ବାତ୍ସଲ୍ୟ ମିଶନର ଉଦ୍ଦେଶ।ଶ୍ରୀ ପ୍ରଧାନ କହିଛନ୍ତି, ଭଗବାନଙ୍କ କୃପାରୁ




ସମାଜରେ କେହି ଅନାଥ ନରୁହନ୍ତୁ। ଏ ଦିଗରେ ଆମର ମଧ୍ୟ ଦାୟିତ୍ୱ ଅଛି । ଡବଲ ଇଞ୍ଜିନ ସରକାରରେ ପ୍ରଶାସନ ଆଜି ଶାସନ କରିବା ପାଇଁ ନୁହେଁ ବରଂ ସେବା କରିବା ଦାୟିତ୍ୱରେ ଅଛି । ଅନାଥ ହୋଇ ଭିକ୍ଷା ବୃତ୍ତିରେ ନିୟୋଜିତ ଥିବା ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ପ୍ରଶାସନିକ ବ୍ୟବସ୍ଥା ସହ ଯୋଡିବା ଆମର ଦାୟିତ୍ୱ ହେଉ। ସମ୍ବଲପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ସନ୍ଥ କବି ଭୀମ ଭୋଇଙ୍କ ସଂସ୍କାର ଓ ପରମ୍ପରାର ଆମେ ଅନୁଯାୟୀ । ସମ୍ବଲପୁରକୁ ଏକବିଂଶ ଶତାବ୍ଦୀରେ ସୁସଂସ୍କୃତ ଓ ସମୃଦ୍ଧଶାଳୀ ଜିଲ୍ଲା ଭାବେ ପୁନଃପ୍ରତିଷ୍ଠା କରିବା । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ସହ ଗତି କରୁଥିବା ଶିଶୁମାନଙ୍କର ସେବା ଯତ୍ନକୁ ପ୍ରାଥମିକତା ଓ ପ୍ରୋତ୍ସାହନ ଦେବା ସହ ଏହି କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଇବା। ଶ୍ରୀ ପ୍ରଧାନ ସମସ୍ତ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ରଥଯାତ୍ରା ପୂର୍ବରୁ ସରିବ ରତ୍ନଭଣ୍ଡାର ଗଣତି ମଣତି ପ୍ରକ୍ରିୟା

ଭୁବନେଶ୍ୱର,୨୪।୨(ମହାଭାରତ): ଆକଳନଠୁ ଅଧିକ ମରାମତି ଆବଶ୍ୟକତା କରୁଛି ରତ୍ନଭଣ୍ଡାର । ଡେଡଲାଇନରୁ ବିଳମ୍ବିତ ହେଉଛି କାରଣ ମରାମତି କାମ ସରିନାହିଁ। ଯେତିକି ଆକଳନ କରାଯାଇଥିଲା ତା ଠୁ ଅଧିକ ମରାମତି କାମର ଆବଶ୍ୟକତା ରହିଛି।ପୁରା ଆକଳନ ଏପର୍ଯ୍ୟନ୍ତ ହୋଇପାରିନି।ଆଉ ମାସେ କିମ୍ବା ଦୁଇ ମାସ ଲାଗିବ ମରାମତି ପାଇଁ, ଏହାପରେ ଗଣତି ମଣତି ପ୍ରକ୍ରିୟା ଆରମ୍ଭ କରିପାରିବୁ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ରଥଯାତ୍ରା ପୂର୍ବରୁ ଗଣତି ମଣତିର ପ୍ରକ୍ରିୟା ଶେଷ କରାଯିବ । ଏଏସଆଇକୁ ମନ୍ଦିର ପ୍ରଶାସନ ମରାମତି ପାଇଁ ସମୟ ଦେଉନଥିବା ଅଭିଯୋଗ ଉପରେ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ମହାପ୍ରଭୁ ରୀତିନୀତି ସହିତ ମରାମତି ଚାଲୁଛି, ରୀତିନୀତି ଚାରିରୁ ପାଂଚ ଘଂଟା କଢ଼ାଯାଇ ମରାମତି ପାଇଁ ସମୟ ଦିଆଯାଉଛି। ପ୍ରଶାସନ ସମୟ ଦେଉନାହିଁ ଭୁଲ କଥା, ଏଏସଆଇର ସହମତିରେ କାମ ଚାଲିଛି ବୋଲି ପୃଥ୍ୱୀରାଜ ହରିଚନ୍ଦନ ।

# ତଦନ୍ତ ଦାବି କଲେ ନେପାଳ ମାନବାଧିକାର ଆୟୋଗ

ଭୁବନେଶ୍ୱର,୨୪।୨(ମହାଭାରତ): କିଟ୍ ବିଶ୍ୱବିଦ୍ୟାଳୟ ନେପାଳୀ ଛାତ୍ରୀମୃତ୍ୟୁଜନିତ ପରବର୍ତ୍ତୀ ଘଟଣାକୁ ନେଇ ନେପାଳ-ଭାରତ ସମ୍ପର୍କ ଅଧିକ ପ୍ରଭାବିତ ହେବାରେ ଲାଗିଛି। ନେପାଳ ମାନବାଧିକାର ଆୟୋଗ ଏକ ଚିଠି ଲେଖି ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡ ଓ ପଢୁଥିବା ନେପାଳୀ ଛାତ୍ରଛାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଭାରତର ଜାତୀୟ ମାନବାଧିକାର ଆୟୋଗଙ୍କୁ ଅନୁରୋଧ କରିଛନ୍ତି। ନେପାଳ ମାନବାଧିକାର ଆୟୋଗଙ୍କ ଯୁଗ୍ମ ମୁଖପାତ୍ର ଶ୍ୟାମବାବୁ କାଫଲେ ଏକ ପ୍ରେସ୍ ରିଲିଜ୍ ଜାରି କହିଛନ୍ତି ଯେ, କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ପ୍ରକୃତି ଲାମସଲଙ୍କ ମୃତଦେହ ହଷ୍ଟେଲରୁ ମିଳିବା ଘଟଣାର ତ୍ୱରିତ ନିରପେକ୍ଷ ତଦନ୍ତ ସହ ନେପାଳୀ ଛାତ୍ରଛାତ୍ରୀମାନଙ୍କ ସହ ହୋଇଥିବା ଅତ୍ୟାଚାର,ମାରପିଟ୍ ଆଦିର ତଦନ୍ତ ନିମନ୍ତେ ଭାରତର ଜାତୀୟ ମାନବାଧିକାର ଆୟୋଗଙ୍କୁ ଲିଖିତ(ଚିଠି ସଂଖ୍ୟା ୨୦୮୧/୧୧/୭) ଅନୁରୋଧ କରିଛନ୍ତି।

# କାଶୀ-ତାମିଲ ସଙ୍ଗ ସାଂସ୍କୃତିକ ଐତିହ୍ୟ ଓ ଏକତାର ଅନନ୍ୟ ନିଦର୍ଶନ

ବାରଣାସୀ,୨୪।୨(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବାରାଣସୀ ଠାରେ ଆୟୋଜିତ କାଶୀ-ତାମିଲ ସଙ୍ଗମ ୩.୦ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, କାଶୀ-ତାମିଲ୍ ସଙ୍ଗମ ହେଉଛି ଦେଶର ସାଂସ୍କୃତିକ ଐତିହ୍ୟ ଓ ଏକତାର ଅନନ୍ୟ ନିଦର୍ଶନ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତର ପ୍ରତ୍ୟେକ ଅଂଚଳର ଭାଷା, ରୀତିନୀତି ଓ ପ୍ରଥା ଅଲଗା ହୋଇପାରେ କିନ୍ତୁ ଆମ ସମସ୍ତଙ୍କର ପାରସ୍ପରିକ ସ୍ନେହ, ସୌହାର୍ଦ୍ଦ୍ୟ ଓ ଆଧ୍ୟାତ୍ମିକ ଚିନ୍ତାଧାରା ସମାନ । ଆମର ଏହି ସାଂସ୍କୃତିକ ଏକତା ଭାରତକୁ ଅନ୍ୟ ସବୁ ରାଷ୍ଟ୍ରମାନଙ୍କ ଠାରୁ ସ୍ୱତନ୍ତ୍ର କରିଛି । ଆମେ ସମସ୍ତେ ମହାଭାରତୀୟ ସାଂସ୍କୃତିକ ଐତିହ୍ୟର ଗୋଟିଏ ଗୋଟିଏ ଅଂଶ । ଆମେ ସମସ୍ତେ ଏହି ମହାଭାରତୀୟ ଚେତନାରେ ବାନ୍ଧି ହୋଇ ରହିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଭାରତର ସାଂସ୍କୃତିକ ଏକତାକୁ ସୁଦୃଢ଼ କରିବା ପାଇଁ ଓ ଏହାର ପ୍ରଚାର ପ୍ରସାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୨ରେ କାଶୀ-ତାମିଲ ସଙ୍ଗମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ଏହା ଫେବୃଆରୀ ୧୫ ତାରିଖରୁ ବାରାଣସୀର ନମୋ-ଘାଟରେ ଆୟୋଜିତ ହେଉଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡଃ ସୁକାନ୍ତ ମଜୁମ୍‌ଦାରର ଏବଂ ଉତ୍ତର ପ୍ରଦେଶର କ୍ୟାବିନେଟ ମନ୍ତ୍ରୀ ଅନିଲ ରାଜଭର ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଁ ନିଜକୁ ଖୁବ୍ ଗୌରବାନ୍ୱିତ ମନେ କରୁଛି । କାଶୀ ଓ ତାମିଲନାଡୁ ମଧ୍ୟରେ ଆଧ୍ୟାତ୍ମିକ ସମ୍ପର୍କ ଖୁବ୍ ପ୍ରାଚୀନ । କାଶୀ କେବଳ ଏକ ସହର ନୁହେଁ, ଏହା ଭାରତର ସାଶ୍ୱତ, ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ । ସେହିପରି ତାମିଲନାଡୁର ଶାସ୍ତ୍ରୀୟ ଭାଷା, ସାହିତ୍ୟ, ଭବ୍ୟମନ୍ଦିର ଓ ଦାର୍ଶନିକ ପରମ୍ପରା ଭାରତୀୟ ସଂସ୍କୃତିକୁ ସମୃଦ୍ଧ କରିଛି । କାଶୀ-ତାମିଲ ସଙ୍ଗମ ହେଉଛି ବିବିଧତା ମଧ୍ୟରେ ଆମ ଏକତାର ପ୍ରତୀକ ।



ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଓଡ଼ିଶା ମଧ୍ୟ ସେହି ଭାରତୀୟ ସାଂସ୍କୃତିକ ଭାବଧାରାର ପରିଚୟ ବହନ କରେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରକୁ ଦେଶର ସବୁକୋଣରୁ ଭକ୍ତମାନେ ଆସିଥାନ୍ତି ଏବଂ ମହାପ୍ରଭୁଙ୍କ ରଥଯାତ୍ରାରେ ସବୁଧର୍ମ, ସବୁ ସଂସ୍କୃତିର ଲୋକ ଯୋଗ ଦେଇଥାନ୍ତି । ଏହି ମହାଭାରତୀୟ ଐଶ୍ୱରିକ ଚିନ୍ତାଧାରାର ପ୍ରସାରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଛି।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାର ଓଡ଼ିଶୀ ନୃତ୍ୟ ଓ ତାମିଲନାଡୁର ଭାରତନାଟ୍ୟମ୍ ଆଂଚଳିକ ଭାଷାଗତ ପାର୍ଥକ୍ୟର ଉପରକୁ ଯାଇ ଶାସ୍ତ୍ରୀୟ ନୃତ୍ୟକଳା ଜରିଆରେ ଭକ୍ତିଭାବର କାହାଣୀ ବର୍ଣ୍ଣନା କରିଥାନ୍ତି ।

କାଶୀ ଓ ତାମିଲନାଡୁର ସାସ୍କୃତିକ ଐତିହ୍ୟକୁ ଯୋଡ଼ିବା ପାଇଁ ଏହି ଅନନ୍ୟ ପ୍ରୟାସ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଦେବା ସହିତ ଆୟୋଜକ ମାନଙ୍କୁ ମଧ୍ୟ ପ୍ରଂଶସା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ଏହି ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବର ଆଦାନ ପ୍ରଦାନ ଦେଶର ଭବିଷ୍ୟତର ପିଢ଼ିକୁ ପ୍ରେରଣା ଦେଇ ଏକତାର ବନ୍ଧନରେ ବାନ୍ଧି ରଖିବ ।

## ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ। ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

····· ପରଦା ଖବର ·····

# ତାଞ୍ଜାନିଆ ଓ କୁଏତରେ ପହଞ୍ଚିଲା 'ଛି ଛି ଛିରେ ନନୀ





ଛି ଛି ଛିରେ ନନୀ ଏହି ଗୀତଟି ଏବେ ଘରିଆଡେ ଚହଳ ପକାଇଛ। ୧୯୯୪ ମସିହାରେ ଲିଖିତ ଓ ୨୦୦୪ରେ ମ୍ୟୁଜିକ୍ ଭିଡିଓ ନିର୍ମାଣ କରାଯାଇଥିବା ଏହି କୋରାପୁଟିଆ ଦେଶିଆ ଗୀତ ଖାଲି ଓଡ଼ିଶା କାହିଁକି ସାରା ବିଶ୍ୱରେ ଲୋକପ୍ରିୟତାର ଏଭରେଷ୍ଟ ଛୁଇଁ ସାରିଛି, ଯାହାର ପ୍ରମାଣ ଆଫ୍ରିକୀୟ ମହାଦେଶ ତାଞ୍ଜାନିଆଁ ଓ ଉପସାଗରୀୟ ରାଷ୍ଟ୍ର କୁଏତ ଭଳି ଦେଶରୁ ଆସିଛି। ଏବେ ନଜର ପକାଇବା ତାଞ୍ଜାନିଆଁ ଉପରେ। ତାଞ୍ଜାନିଆଁର ସୋସିଆଲ ମିଡିଆ ସେନସେସନ୍ କିଲି ପଲ୍ ଏହି ଗୀତକୁ ଗାଇ ଆହୁରି ଲୋକପ୍ରିୟ କରିଛନ୍ତି। ଗୋଟିଏ ନୁହେଁ, ଦୁଇ ଦୁଇଟି ଭିଡିଓ କରି ଏହାକୁ ନିଜ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି। ଗୋଟିଏ ଲିରିକାଲ୍ ହୋଇଥିବା ବେଳେ ଆଉ ଗୋଟିଏ ମ୍ୟୁଜିକାଲ। ପ୍ରତି ଗୀତ ଭଳି ଏହି ଗୀତଟିକୁ ସେ ଅତି ଚମତ୍କାର ଢଙ୍ଗରେ ଉପସ୍ଥାପନା କରିଛନ୍ତି। ଏବେ ଆସନ୍ତୁ ନଜର ପକାଇବା କୁଏତ ଉପରେ। ଟିକେ ଦେଖନ୍ତୁ ଓ ଶୁଣନ୍ତୁ ଏହି ବ୍ରାସ୍ ବ୍ୟାଣ୍ଡର ମ୍ୟୁଜିକକୁ। ଶୁଣିଲେ ତ, କେଉଁ ଗୀତ ବାଜୁଛି କୁଏତର ଏହି କାର୍ନିଭାଲରେ। ଅତି ବିକଶିତ ରାଷ୍ଟ୍ର, ସଂପତ୍ତି ଓ ପ୍ରତିପତିରେ ଭରପୁର କୁଏତର ଚିକମିକ୍ ଆଲୁଅ, ରଂଗୀନ କୌତୁକିଆ ପୋଷାକ ଭିଡ ଭିତରେ ହାତରେ ଡ୍ରମ୍ ଓ ଟ୍ରମ୍ପେଟ୍ ଧରି ଏହାକୁ ବଜାଉଛନ୍ତି କଳାକାର। ଯାହାକୁ ଶହ ଶହ ସଂଖ୍ୟାରେ ଦର୍ଶକ ମନଭରି ଉପଭୋଗ କରୁଛନ୍ତି। ଏ ତ ଗଲା ବିଦେଶ କଥା, ଏବେ ନଜର ପକାଇବା ଆମ ଦେଶ ଭାରତ ଭିତରେ। ଅନେକ ଦକ୍ଷିଣ, ପୂର୍ବ ଭାରତରେ ଏହି ଗୀତ ବି ଲୋକାଦୃତ ହୋଇ ସାରିଛି। ଛାଡନ୍ତୁ ରୋଷଣୀର ବ୍ରାସ୍ ବ୍ୟାଣ୍ଡ କଥା, ଭାରତର ଲୋକପ୍ରିୟ ଷ୍ଟାଣ୍ଡଅପ୍ କମେଡିଆନ୍ ଭାରତୀ ସିଂ ବି ଛି ଛି ଛି ନନୀର ଟ୍ରେଣ୍ଡରୁ ବାଦ୍ ପଡ଼ିନାହାନ୍ତି। ଭାରତୀ ନିଜ ଘରେ, ନିଜ ପୁଅ, ସହକର୍ମୀ ସମେତ ତାଙ୍କ ଘରେ କାମ କରୁଥିବା ଓଡିଆ ସହକର୍ମୀ ସାଙ୍ଗରେ ଏହି ଗୀତରେ ରିଲ୍ସ ବନାଇଛନ୍ତି। ସବୁ କଳାକାର ପଦେ ପଦେ ଗୀତ ଗାଇ ରିଲ୍ସ କରିବା ସହ ତାଙ୍କ ପୁଅ ଗୋଲା ବି ଏଥିରେ ନିଜର କଳାକାରୀ ଦେଖାଇଛନ୍ତି। ଛି ଛି ଛି ନନୀ ଗୀତ ଏହା ପ୍ରମାଣ କରିଛି ଯେ ଯଦି ଗୀତ ଓ ସଂଗୀତର କିଛି ନିଆରାପଣ ଅଛି, ତାହାଲେ ଭାଷା ଓ ଅଞ୍ଚଳ କେବେ ବି ପ୍ରତିବନ୍ଧକ ସାଜେନାହ।

## ହନୁମାନଙ୍କ ପୂଜାର୍ଚ୍ଚନା ସମୟ



ପ୍ରଭୁ ଶ୍ରୀରାମଙ୍କ ଭକ୍ତ ହନୁମାନ ନିଜ ଭକ୍ତମାନଙ୍କ ଦୁଃଖ ଦୁର୍ଦ୍ଦଶା ସହି ପାରନ୍ତି ନାହିଁ। କାରଣ ହନୁମାନ ଖୁବ୍ ଦୟାଳୁ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ନିଷ୍ଠାର ସହ ହନୁମାନଙ୍କ ପୂଜା କଲେ ସେ ପ୍ରସନ୍ନ ହୋଇଥାନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ସମୟରେ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଏ। ଶାସ୍ତ୍ର ବର୍ଣ୍ଣନା ଅନୁସାରେ ପ୍ରଭୁ ହନୁମାନ ଦିନସାରା ଭଗବାନ ଶ୍ରୀରାମଙ୍କ ସେବାରେ ଲାଗିଥାନ୍ତି। ତେଣୁ ରାତି କିମ୍ବା ସଂଧ୍ୟାରେ ପ୍ରଭୁ ଶ୍ରୀରାମ ବିଶ୍ରାମ ନେବା ସମୟରେ ହନୁମାନ ତାଙ୍କ ସେବା କରି ନ ଥାନ୍ତି। ଏହି ସମୟରେ ସେ ନିଜ ଭକ୍ତଙ୍କର ଡ଼ାକ ସହଜରେ ଶୁଣି ଥାଆନ୍ତି। ତେଣୁ ସଂଧ୍ୟା ଅଥବା ରାତିରେ ଶ୍ରଦ୍ଧାର ସହ ହନୁମାନଙ୍କ ପୂଜାର୍ଚ୍ଚନା କଲେ ଭକ୍ତ ସମସ୍ତ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ। ଶାନ୍ତ ପରିବେଶରେ ଏକାଗ୍ରତାର ସହ ସଂଧ୍ୟାରେ ପ୍ରଭୁଙ୍କୁ ପୂଜା କଲେ ଆଶୀର୍ବାଦ ମିଳିବା ସହ ଜୀବନରେ ଥିବା ବାଧାବିଘ୍ନ ଦୂର ହୋଇଥାଏ। ହନୁମାନଙ୍କ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କଲେ ହନୁମାନ ପ୍ରସନ୍ନ ହୋଇଥାନ୍ତି ଓ ଶ୍ରଦ୍ଧାଳୁଙ୍କୁ ମନବାଞ୍ଛିତ ଫଳ ପ୍ରାପ୍ତି ହୋଇଥାଏ।

# ଧଳା ଜୋତା ସଫା କରିବାର ସହଜ ଉପାୟ

ଧଳା ଜୋତା କିଣିବା ସମୟରେ ସାଧାରଣତଃ ସମସ୍ତେ ଟିକେ ଦ୍ୱନ୍ଦ୍ୱରେ ରହନ୍ତି । ଶୀଘ୍ର ମଇଳା ହୋଇଯାଉଥିବାରୁ ଓ ଦାଗ ଲାଗି ଯାଉଥିବାରୁ ଅଧିକାଂଶ ଲୋକେ ଇଚ୍ଛା ଥିଲେ ବି ଏହାକୁ କିଣିବା ପାଇଁ ପସନ୍ଦ କରିନଥାନ୍ତି ।

ଅନ୍ୟପକ୍ଷରେ ସ୍କୁଲଗୁଡିକରେ ବିଶେଷ ଭାବେ ଧଳା ଜୋତା ଉପରେ ଗୁରୁତ୍ୱ ଦିଆଯାଏ । ତେବେ ଛୋଟ ପିଲା ଏହାକୁ ଶୀଘ୍ର ମଇଳା କରି ଦେଇଥାନ୍ତି । ହେଲେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ଏହାକୁ ବେଶ ସହଜରେ ସଫା କରି ହେବ । ତା'ହେଲେ ଆସନ୍ତୁ ଜାଣିବା ସେସବୁ ସହଜ ଉପାୟଗୁଡିକ ସମ୍ପର୍କରେ.....



ଗୋଟିଏ ପାତ୍ରରେ ଗରମ ପାଣି ନେଇ ସେଥିରେ ବେକିଂ ସୋଡା ଓ ହ୍ୱାଇଟ୍ ଭିନେଗାର ପକାନ୍ତୁ । ଏହାକୁ ଭଲ ଭାବେ ମିଶାନ୍ତୁ । ଏହାପରେ ଜୋତାକୁ ସେଥିରେ ଭିଜାନ୍ତୁ। କିଛି ସମୟ ପରେ ଜୋତାରୁ ଲେସଗୁଡିକୁ ବାହାର କରିନିଅନ୍ତୁ ଓ ତା'ପରେ ବ୍ରଶରେ ଧୀରେ ଧୀରେ ଜୋତାକୁ ସଫା କରନ୍ତୁ । ଦେଖିବେ ଜୋତା ପୂର୍ବ ପରି ସଫା ହୋଇଯିବ ।

ଆପଣ ବ୍ୟବହାର କରୁଥିବା ସ୍କ୍ରବ କିମ୍ବା ପେଷ୍ଟରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ ।

ବେବି ପାଉଡରରେ ମଧ୍ୟ ଏହାକୁ ସଫା କରିପାରିବେ । ଫେସିଆଲ ସମୟରେ ବ୍ୟବହୃତ ହେଉଥିବା କଣ୍ଟେନର ଓ ବ୍ଲିଚରେ ମଧ୍ୟ ଧଳା ଜୋତାକୁ ସଫା କରିପାରିବେ । କିନ୍ତୁ ଅନେକ ସମୟରେ ବ୍ଲିଚର ବ୍ୟବହାର ଯୋଗୁ ଧଳା ଜୋତା ହଳଦିଆ ହୋଇଯିବାର ଦେଖାଯାଏ ।

ଜଡ଼ା ତେଲ ଓ ସୋରିଷ ତେଲ : ପ୍ରଥମେ ଜଡ଼ା ଓ ସୋରିଷ ତେଲକୁ ମିଶାଇ ଗରମ କରନ୍ତୁ। କିଛି ସମୟ ପରେ ଏହି ମିଶ୍ରଣକୁ ୧୦ ମିନିଟ୍ ପର୍ଯ୍ୟନ୍ତ କେଶରେ ମାଲିସ୍ କରନ୍ତୁ। ୩୦ ମିନିଟ୍ ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ରୁ ୩ ଥର କରନ୍ତୁ। ଧଳା କେଶରୁ ମୁକ୍ତି ପାଇଁ ଆପଣ ଏହି ମିଶ୍ରଣକୁ ବ୍ୟବହାର କରିପାରିବେ। ଏଥିରେ ଓମେଗା ୬ଫ୍ୟାଟି ଏସିଡ୍ ରହିଥାଏ। ଯାହା ଧଳା କେଶରୁ ମୁକ୍ତି କରିବାରେ ସାହାଯ୍ୟ କରିଥାଏ।

# ବୈଦିକ ସଂସ୍କୃତିରେ ଶିବ ତତ୍ତ୍ୱ

ବୈଦିକ ସଂସ୍କୃତିରେ ଶିବଙ୍କୁ ମଙ୍ଗଳମୟ ସଚ୍ଚିଦାନନ୍ଦ ପରଂବ୍ରହ୍ମ ରୂପେ ଅଭିହିତ କରାଯାଇଥାଏ। ବାସ୍ତବରେ ବୈଦିକ ସାହିତ୍ୟର ଶୈବ ଉପାସନାର ଧାରା ଏଯାବତ ପ୍ରଚଳିତ ରହିଆସିଛି। ଐତିହାସିକମାନେ ଖ୍ରୀ:ପୂ: ୩୦୦୦ରେ ସିନ୍ଧୁ ସଭ୍ୟତାର ବିକାଶ ସମୟରେ ପଶୁପତି ଉପାସନା ପ୍ରଚଳିତ ଥିବା ବିଷୟରେ ମତ ଦେଇଛନ୍ତି। କୂର୍ମ ପୁରାଣ ଓ ବାୟୁ ପୁରାଣ ମତରେ କଳିଯୁଗରେ ନର୍ମଦା ନଦୀ କୂଳରେ କରବଣ ଗ୍ରାମରେ ଶିବ ଏକ ଅଗ୍ନିହୋତ୍ରୀ ବ୍ରାହ୍ମଣ ରୂପରେ ଜନ୍ମ ଗ୍ରହଣ କରିଥିଲେ। ପାତଞ୍ଜଳିଙ୍କ ଯୋଗସୂତ୍ରରେ ଶିବ ଭାଗବତ ମାନଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ମେଘାସ୍ଥିନିସ୍‌ଙ୍କ ଐତିହାସିକ ବିବରଣୀରେ ମଧ ଶିବ ଉପାସନା ସମ୍ପର୍କରେ ଉଲ୍ଲେଖ ରହିଛି। କୁଶାଣମାନଙ୍କ ମୁଦ୍ରାରେ ମଧ ଏକ ପାର୍ଶ୍ୱରେ ଶିବ ତ୍ରିଶୂଳ ଧରିଥିବା ଓ ଅନ୍ୟପାର୍ଶ୍ୱରେ ବୃଷଭ ଥିବାର ଦେଖାଯାଏ। ଗୁପ୍ତଯୁଗରେ ଶୈବଧର୍ମର ବିକାଶ ବିଷୟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମଥୁରା ଶିଳାଲିପିରୁ ଜଣାଯାଏ। ମହାଭାରତ,ଶିବ ପୁରାଣ,ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଲିଙ୍ଗ ପୁରାଣ ଓ ବିଷ୍ଣୁ ପୁରାଣ ପ୍ରଭୃତିରେ ଶିବଙ୍କ ମହିମା ଓ ଦାର୍ଶନିକ ରହସ୍ୟ ବର୍ଣ୍ଣନା କରାଯାଇଛି।

ସମସ୍ତ ଦର୍ଶନ ସର୍ବପ୍ରଥମେ ଶିବଙ୍କ ମୁଖରୁ ନିଃସୃତ ହୋଇ ଗିରିଜାଙ୍କ କର୍ଣ୍ଣରେ ପ୍ରବେଶ କରିଥିବାରୁ ତନ୍ତ୍ରକୁ ଆଗମ କୁହାଯାଏ। ତନ୍ତ୍ର ମତରେ ଶିବଙ୍କୁ ସକଳ ନିଷ୍କଳ ରୂପେ ଅର୍ଚ୍ଚନା କରାଯାଏ। ସକଳ ଅର୍ଥାତ ସାକାର ରୂପେ ଶିବଙ୍କୁ ପଂଚବକ୍ତ୍ର ଭାବରେ ଧ୍ୟାନ କରାଯାଏ। ସେହି ପଂଚବକ୍ତ୍ର ହେଲେ – ସଦ୍ୟୋଜାତ, ବାମଦେବ, ଅଘୋର, ତତ୍‌ପୁରୁଷ ଓ ଇଶାନ। ନିଷ୍କଳ ରୂପରେ ସେ ନିରାକାର,ନିର୍ଗୁଣ ପରଂବ୍ରହ୍ମ ରୂପରେ ଉପାସିତ। ଅଷ୍ଟମ ଶତାବ୍ଦୀରେ ଆଦି ଶଙ୍କରାଚାର୍ଯ୍ୟ ପ୍ରମାଣିକ ଭାବରେ ସମନ୍ୱୟବାଦର ମତ ପ୍ରବର୍ତ୍ତନ କରି ପଂଚାୟତନ ପୂଜାର ବ୍ୟବସ୍ଥା କରି ଶୈବ ଦର୍ଶନର ସାର୍ବଭୌମତ୍ୱ ପ୍ରତିଷ୍ଠା କରିଥିଲେ। ତେଣୁ ତାଙ୍କ ମତରେ—



"ନ ଶୈବୋ ନ ଶାକ୍ତୋ ନ ବା ବୈଷ୍ଣବୋ ବା,
ଚିଦାନନ୍ଦ ରୂପଂ ଶିବୋହଂ ଶିବୋହମ୍"।

ଉପମନ୍ୟୁ ଜଣେ ଶ୍ରେଷ୍ଠ ଶିବଭକ୍ତ ଥିଲେ। ଗୁରୁଙ୍କ ନିର୍ଦ୍ଦେଶରେ ଗାଇ ଚରାଉଥିବା ସମୟରେ ବାଛୁରୀର କ୍ଷୀର ଖାଇବାକୁ ବାରଣ ଫଳରେ ଅର୍କପତ୍ର ଖାଇ ସେ ଚକ୍ଷୁ ହରାଇଥିଲେ। ପୁନର୍ବାର ଶିବଙ୍କୁ ଧ୍ୟାନ କରିବା ପରେ ସେ ନିଜର ଚକ୍ଷୁ ଫେରି ପାଇଥିଲେ। ତାଙ୍କ ରଚିତ ଶିବସ୍ତୁତି ଏକ ଅଦ୍ୱିତୀୟ ରଚନା। ଋଷି ମାର୍କଣ୍ଡେୟ ଶିବତତ୍ତ୍ୱର ସମ୍ପୂର୍ଣ୍ଣ ଜ୍ଞାନ ବଳରେ ଓ ତ୍ର୍ୟମ୍ବକ ମନ୍ତ୍ର ଜପକରି ଚିରଞ୍ଜିବୀ ହୋଇଥିଲେ। ଇଶାନ ସଂହିତାରେ ଯଥାର୍ଥରେ ଶିବରାତ୍ରି ବ୍ରତ ସଂପର୍କରେ କୁହାଯାଇଛି- ଶିବରାତ୍ରି ବ୍ରତଂ ପୁଣ୍ୟଂ ସର୍ବପାପ ପ୍ରଣାଶନମ୍। ଆଚାଣ୍ଡାଳ ମନୁଷ୍ୟାଣାଂ ଭୁକ୍ତି, ମୁକ୍ତି ପ୍ରଦାୟକମ୍। ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଶିବରାତ୍ରି ପାଳନ କରାଯାଏ। ଏହି ବ୍ରତ ପାଳନ ମୂଳରେ ଏକ ଲୋକକଥା ବହୁଳ ପ୍ରଚଳିତ। ଥରେ ବାରାଣସୀରେ ସୁସ୍ୱର ନାମକ ଗୋଟିଏ ଶିକାରୀ ଏକ ହରିଣ ଶୀକାର କରି ଜଙ୍ଗଲ ମଧ୍ୟରେ ଘରକୁ ଫେରୁଥିବା ସମୟରେ ରାତ୍ରିର ଆଗମନ ଯୋଗୁଁ ସେ ଆଉ ଅଗ୍ରସର ନ ହୋଇ ରାତ୍ର ଯାପନ ପାଇଁ ଗୋଟିଏ ବୃକ୍ଷ ଉପରେ ରହି ରାତ୍ର ଯାପନ କରିଥିଲା। କ୍ଷୁଧା ଓ ଆତ୍ମୀୟଙ୍କ ଚିନ୍ତାରୁ ଦୁଃଖ ସହିତ ତାର ଲୋତକରୁ ଅଶ୍ରୁ ନିର୍ଗତ ହୋଇ ତଳେ ପଡୁଥିଲା। ଅଲକ୍ଷରେ ସେ ବୃକ୍ଷର ପତ୍ରକୁ ଛିଣ୍ଡାଇ ପକାଉଥିଲା। ଯେଉଁ ବୃକ୍ଷ ଉପରେ ସେ ଆଶ୍ରୟ ନେଇଥିଲା ସେ ବୃକ୍ଷଟି ଥିଲା ବେଲ ବୃକ୍ଷ। ଅଲକ୍ଷରେ ବେଲପତ୍ର ଛିଣ୍ଡାଇ ତଳକୁ ପକାଉଥିଲା ମାତ୍ର ତଳେ ଶିବଲିଙ୍ଗଟିଏ ଥିଲା। ତେଣୁ ସେ ଶିକାରୀ ମୃତ୍ୟୁ ପରେ ଅଲକ୍ଷରେ କରିଥିବା ଶିବ ପୂଜାର ପ୍ରଭାବରେ ଶିବଲୋକ ପ୍ରାପ୍ତ ହୋଇଥିଲା। ବାସ୍ତବିକ ଶିବରାତ୍ରିର ମହିମା ଅବର୍ଣ୍ଣନୀୟ। ଚତୁର୍ଦ୍ଦଶୀର ଚାରି ପ୍ରହରରେ ଭକ୍ତମାନେ ଦୁଗ୍‌ଧ, ଦଧି, ଘୃତ ଓ ମହୁରେ ଶିବଲିଙ୍ଗଙ୍କୁ ଅଭିଷେକ କରି ନାନାବିଧ ପୁଷ୍ପ, ଧୂପ ଓ ନୈବିଦ୍ୟ ସମର୍ପଣ କରନ୍ତି ଏବଂ ରାତ୍ର ଉଜାଗର ରହି ମହାଦୀପ ଦର୍ଶନ କରି କୃତାର୍ଥ ହୁଅନ୍ତି ଓ ନିଜ ଆତ୍ମାରେ ଜ୍ଞାନ ଓ ସତ୍ୟର ଜ୍ୟୋତିକୁ ପ୍ରଜ୍ୱଳିତ କରି ଅଖଣ୍ଡ ଶିବ ଚେତନା ଲାଭ କରିଥାନ୍ତି।

## ଧଳା କେଶରୁ ରକ୍ଷା ପାଇବାର ଘରୋଇ ଉପାୟ

ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ସମସ୍ତେ ସୁନ୍ଦର ଓ ଯବାନ୍ ଦେଖାଯିବାକୁ ଚାହାନ୍ତି। କିନ୍ତୁ ବୟସ, ପ୍ରଦୂଷଣ ଓ ବିଜି ଲାଇଫ୍ ଯୋଗୁ କେଶଗୁଡ଼ିକ ବୟସ ହେବା ପୂର୍ବରୁ ଧଳା ପଡ଼ିଯାଇଥାଏ। ଆଜିକାଲି ଯୁବପୀଢିଙ୍କ ମଧ୍ୟରେ କେଶ ଧଳା ହେବା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି।







ଅନେକ ମହିଳା ଅଛନ୍ତି, ଯାହାଙ୍କ କେଶ ବୟସ ପୂର୍ବରୁ ଧଳା ପଡ଼ିଯାଇଥାଏ। ଯାହାଫଳରେ କି ଅନେକ ମହିଳା ଧଳା କେଶକୁ ଲୁଚାଇବା ପାଇଁ ବିଭିନ୍ନ କେମିକାଲ୍ ଯୁକ୍ତ ରଙ୍ଗକୁ ବ୍ୟବହାର କରିଥାନ୍ତି। ଏପରି କରିବା ଦ୍ୱାରା କିଛି ଦିନ କେଶଗୁଡ଼ିକ ଧଳା ରହେ କିନ୍ତୁ ଅନ୍ୟାନ୍ୟ ସମସ୍ୟାର ଆଶଙ୍କା ବଢିଯାଇଥାଏ। ଏହି କାରଣରୁ, ଆଜି ଆମେ ଆପଣଙ୍କ ପାଇଁ କିଛି ସହଜ ଘରୋଇ ଟିପ୍ସ କହିବୁ, ଯାହା ଆପଣଙ୍କ କେଶକୁ ଧଳା ହେବାରୁ ରକ୍ଷା କରିବ:

ଅଁଳା : ପ୍ରଥମେ ଆପଣ ତିନିରୁ ଚାରୋଟି ଅଁଳା ନିଅନ୍ତୁ। ଗୋଟେ କପ୍ ନଡ଼ିଆ ତେଲ। ପ୍ରଥମେ ଅଁଳାକୁ ଭଲ ଭାବରେ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ପରେ ଏକ ପ୍ୟାନରେ ନଡିଆ ତେଲ ପକାଇ ସେଥିରେ ଅଁଳା ଖଣ୍ଡକୁ ପକାଇ ଭଲ ଭାବରେ ଫୁଟାନ୍ତୁ। ୧୦ ମିନିଟ୍ ଫୁଟାଇବା ପରେ ଏହି ମିଶ୍ରଣକୁ ଏକ ପାତ୍ରରେ ରଖିଦିଅନ୍ତୁ। ପରେ ଏହି ମିଶ୍ରଣକୁ ଆପଣଙ୍କ କେଶରେ ମାଲିସ୍ କରନ୍ତୁ। ଏକରୁ ଦୁଇ ଘଣ୍ଟା ପରେ ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ୨ ରୁ ୪ ଥର କରନ୍ତୁ। ଅଁଳା କେଶ ପାଇଁ ଏକ ଟନିକ୍ ଭାବରେ କାମ କରିଥାଏ। ଏଥିରେ ଭିଟାମିନ୍ 'ସି' ରହିଥାଏ। ଏହା କେଶରେ ଆଣ୍ଟିଅକ୍ସିଡାଣ୍ଟ ଏଜେଣ୍ଟ ଭାବରେ କାମ କରିବା ସହିତ କେଶର ଅନେକ ଲାଭ ହୋଇଥାଏ। କେଶକୁ ଘନ କରିବା ସହିତ ମଜଭୁତ ମଧ କରିଥାଏ। ଧଳା ହେବାରୁ ରକ୍ଷା ମଧ କରିଥାଏ।

ଭୃଙ୍ଗରାଜ ପତ୍ର : ନଡ଼ିଆ ତେଲରେ ଭୃଙ୍ଗରାଜ ପତ୍ରକୁ ମିଶାଇ ଭଲ ଭାବରେ ଫୁଟାନ୍ତୁ। ପରେ ତେଲକୁ ଛାଣି ଦେଇ କିଛି ସମୟ ଥଣ୍ଡା କରିଦିଅନ୍ତ। ଏହି ମିଶ୍ରଣକୁ କେଶରେ ମାଲିସ୍ କରନ୍ତୁ। କେଶରେ ଦୁଇରୁ ତିନି ଘଣ୍ଟା ପର୍ଯ୍ୟନ୍ତ ରଖି ସାମ୍ପୁରେ କେଶକୁ ଧୋଇ ଦିଅନ୍ତୁ। ଏହି ପ୍ରକ୍ରିୟାକୁ ସପ୍ତାହରେ ଦୁଇଥର କରନ୍ତୁ। ଆପଣ ଏହାକୁ ଧଳା କେଶର ଚିକିତ୍ସା ଭାବରେ ବ୍ୟବହାର କରିପାରିବେ। ଭୃଙ୍ଗରାଜ ପତ୍ର କେଶରେ ମେଲାନିନ ପିଗମେଣ୍ଟେସନ ବଢିବାରେ ସାହାଯ୍ୟ କରିଥାଏ।

# ସମ୍ବଲପୁରରେ 'କିଷାନ ସମ୍ମାନ ସମାରୋହ'



**ଭୁବନେଶ୍ୱର,୨୪।୨ (ମହାଭାରତ):** ସମ୍ବଲପୁର ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଧାରିତ ଲକ୍ଷ୍ୟରୁ ଅଧିକ ଧାନ କିଣାଯାଇଛି, ଯାହା ଡବଲ ଇଞ୍ଜିନ ସରକାରର ଋଷୀଙ୍କ ପ୍ରତି ଥିବା ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ସୋମବାର ସମ୍ବଲପୁର ଠାରେ ପିଏମ୍ କିଷାନ ସମ୍ମାନ ନିଧିର ୬ ବର୍ଷ ପୂର୍ତ୍ତି ଅବସରରେ 'କିଷାନ ସମ୍ମାନ ସମାରୋହ'ରେ ଯୋଗଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ସମ୍ବଲପୁର ଜିଲ୍ଲାର ୧ ଲକ୍ଷ ୨୦ ହଜାର ଋଷୀ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଓ ମୁଖ୍ୟମନ୍ତ୍ରୀ କିଷାନ ଯୋଜନାରେ ୧୨୦ କୋଟି ଟଙ୍କା ଲାଭ ପାଇଛନ୍ତି। କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଏମଏସପିରେ ଧାନ ସଂଗ୍ରହ ବାବଦକୁ ସମ୍ବଲପୁର ଜିଲ୍ଲାରେ ପ୍ରାୟ ୩୨ ଲକ୍ଷ କ୍ୱିଣ୍ଟାଲ ଧାନ ପ୍ରାୟ ୯୭୬ କୋଟି ଟଙ୍କାରେ କିଣାଯାଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାର ୭୨୪ କୋଟି ଏବଂ ରାଜ୍ୟ ସରକାର ୨୫୨ କୋଟି ଟଙ୍କା ମୂଲ୍ୟର ଧାନ କିଣିଛନ୍ତି। ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଧାନ କିଣିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନଫରେନ୍ସିଂ ଜରିଆରେ ବିହାରର ଭାଗଲପୁରରୁ ପିଏମ କିଷାନ ସମ୍ମାନ ନିଧିର ୧୯ତମ କିସ୍ତିର ହସ୍ତାନ୍ତର କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶା ସମେତ ଦେଶର ୯ କୋଟି ୮୦ ଲକ୍ଷ ଋଷୀ ହିତାଧିକାରୀଙ୍କୁ ପ୍ରାୟ ୨୨ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆଜି ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ସମ୍ବଲପୁର ଜିଲ୍ଲାର ପାଖାପାଖି ୬୧ ହଜାର ୨୩୭ ଜଣ ଋଷୀଙ୍କୁ ପ୍ରାୟ ୧୨ କୋଟି ଟଙ୍କା ମିଳିଛି। ଏହି ଅବସରରେ ରାଜ୍ୟ ସରକାରଙ୍କ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ବିଭିନ୍ନ ଋଷୀମାନଙ୍କୁ ସହାୟତା ରାଶି ମଧ୍ୟ ହସ୍ତାନ୍ତରଣ କରାଯାଇଛି। ପିଏମ କିଷାନ ସମ୍ମାନ ନିଧି ଯୋଜନାରେ ଡିବିଟି ମାଧ୍ୟମରେ ଟଙ୍କା ଗ୍ରହଣ କରିଥିବା ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉପକୃତ ହୋଇଥିବା ଅନ୍ନଦାତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ।

ସେହିପରି ଜିଲ୍ଲାରେ ୨ ଲକ୍ଷ ୬୦ ହଜାର ମା' ଭଉଣୀଙ୍କୁ ସୁଭଦ୍ରା ଯୋଜନାରେ ପ୍ରାୟ ୨୬୦ କୋଟି ଟଙ୍କା ଦିଆଯାଇଛି। ମହିଳାମାନଙ୍କୁ ବିନା ସୁଧରେ ୪୨୫ କୋଟିରୁ ଅଧିକ ଟଙ୍କାର ଋଣ ମିଳିଛି। ଋଷୀମାନଙ୍କୁ କମ ସୁଧରେ ପ୍ରାୟ ୫ ହଜାର କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧୧୨ଟି ବର୍ଗରେ ଫସଲ, ଗୋପାଳନ, ମତ୍ସ୍ୟ ଋଷ ସମେତ ସବୁ ବର୍ଗର ଋଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆର୍ଥିକ ରାଶି ପ୍ରଦାନ କରାଯାଉଛି। ସବସିଡି ବି ପ୍ରଦାନ କରାଯାଉଛି। କେନ୍ଦ୍ର ବଜେଟରେ ଡାଲି ଉତ୍ପାଦନରେ ଆତ୍ମନିର୍ଭର ହେବା ତୈଳ ଜାତୀୟ ଫସଲକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯାଉଛି।

ଆଗାମୀ ଦିନରେ ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହେବ। ଏକ ଇଏସଆଇ ହସ୍ପିଟାଲ କରିବା ପାଇଁ ମଧ୍ୟ ଯୋଜନା ହେଉଛି। ନୀଳଡୁଙ୍ଗୁରି ମାର୍କେଟିଂ ଟର୍ମିନାଲର ପ୍ରସ୍ତାବକୁ ପୁନର୍ବାର କରିବା ପାଇଁ କାମ ଆରମ୍ଭ ହୋଇଛି। ଚିପିଲିମାର କୃଷି ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର କୃଷି ବିଦ୍ୟାଳୟରେ ପରିଣତ କରିବା ନେଇ କଳ୍ପନା ରହିଛି । ଜଙ୍ଗଲଜାତ ଉତ୍ପାଦ ପାଇଁ ଏଗ୍ରୋଫରେଷ୍ଟ୍ରି କୋର୍ସ କରାଯିବାର ଯୋଜନା ରହିଛି। ସମ୍ବଲପୁର ଜିଲ୍ଲାରେ ପାଖାପାଖି ୧୫ ଲକ୍ଷ ଲୋକମାନେ ବାସ କରୁଛନ୍ତି। ସେମାନଙ୍କ ଏ ଜୀବନରେ ସମ୍ପନ୍ନତା ଆଣିବା ଆମର ଲକ୍ଷ୍ୟ ରହିଛି। ସବକା ସାଥ୍ - ସବକା ବିକାଶକୁ ଶାସନର ମୂଳ ମନ୍ତ୍ର କରିଥିବା ମୋଦୀ ସରକାର ସମ୍ବଲପୁର ଜିଲ୍ଲାକୁ କୃଷି ଓ ଗ୍ରାମ୍ୟ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ଉଲ୍ଲେଖନୀୟ ଯେ, ଶ୍ରୀ ପ୍ରଧାନ ସମ୍ବଲପୁରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆୟୋଜିତ ମେଳା ବୁଲିବା ସହ ଋଷୀମାନଙ୍କ କଥା ହୋଇଥିଲେ।

# ଶିବରାତ୍ରୀ ପାଇଁ ଟ୍ରାଫିକ କଟକଣା

**ଭୁବନେଶ୍ୱର,୨୪।୨ (ମହାଭାରତ):** ଶିବରାତ୍ରୀ ପାଇଁ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ କଟକଣା । ଜାଗର ପାଇଁ ଲିଙ୍ଗରାଜ ମନ୍ଦିରରେ ଭିଡ଼ ଜମିବା ନେଇ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

ଲିଙ୍ଗରାଜ ମହାପ୍ରଭୁଙ୍କ ମହାଶିବରାତ୍ରୀ ପାଇଁ ଟ୍ରାଫି କଟକଣା। ୨୬ ତାରିଖ ପାଇଁ କଟକଣା ଲାଗୁ କଲା କମିଶନରେଟ୍ ପୋଲିସ। ରଥରୋଡ୍ ଓ ପୁନାମା ଗେଟ୍ ପଟୁ ଆସୁଥିବା ଯାନ ବଢ଼େଇବାଙ୍କ ଠାରୁ ଆଗକୁ ଯିବନି।



ଜାଗର ପାଇଁ ସମସ୍ତ ଶୈବ ପୀଠରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ମହାଶିବରାତ୍ରୀ ନେଇ ଗତ ମଙ୍ଗଳବାର ଦିନ ଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ବସିଥିଲା।

ତେବେ ଲିଙ୍ଗରାଜ ମନ୍ଦିରରେ କେତେବେଳେ ମହାଦୀପ ଉଠିବ ସେନେଇ ଆଲୋଚନା ହୋଇଥିବା ବେଳେ ରାତି ୧୦ ନେଇ ସମୟ ନିର୍ଘଣ୍ଟ କରାଯାଇଛି। କିଭଳି ଶାନ୍ତିପୂର୍ଣ୍ଣ ଭାବେ ନୀତି ସମ୍ପନ୍ନ ହେବ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇ ସମସ୍ତ ଆଲୋଚନା ହୋଇଥିଲା।

ପୂର୍ବରୁ ଖୁବ୍‌ଶୀଘ୍ର ଲିଙ୍ଗରାଜ ମନ୍ଦିର ପାଇଁ ସ୍ୱତନ୍ତ୍ର ଆଇନ ଆସିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ପ୍ରକାଶଥାଉକି, ଶ୍ରୀଲିଙ୍ଗରାଜ ମନ୍ଦିରରେ ବ୍ୟବହାର ହେବନି କୋହେନୁର ପଞ୍ଜିକା ।

କୋହେନୁର ପଞ୍ଜିକା ବଦଳରେ ଖଡ଼ିରତ୍ନ ପଞ୍ଜିକା ପ୍ରଚଳନ ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଶିବରାତ୍ରୀ ଦିନ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ନେଇ ମଧ୍ୟ ଆଲୋଚନା ହୋଇଛି।

# ପରୀକ୍ଷାରେ କପି କରି ଧରାପଡ଼ିଲେ ୮ ଛାତ୍ର

**ଭୁବନେଶ୍ୱର,୨୪।୨ (ମହାଭାରତ):** ଆଜି ରାଜ୍ୟରେ ଦଶମ ବୋର୍ଡ ପରୀକ୍ଷାର ଇଂରାଜୀ ପତ୍ରରେ କପି କରି ୮ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ (ବିଏସଇ)ର ସୂଚନା ଅନୁଯାୟୀ, ଆଜି ଇଂରାଜୀ, ହିନ୍ଦୀ, ପରିବେଶ ଏବଂ ଜନସଂଖ୍ୟା ଶିକ୍ଷା (କେବଳ ଶ୍ରବଣ ବାଧିତ ପ୍ରାର୍ଥୀଙ୍କ ପାଇଁ) ପରୀକ୍ଷା ସମୟରେ ଆଠ ଜଣ କପି କରି ଏଆଇ କ୍ୟାମେରା ସହାୟତାରେ ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି।

ରାଜ୍ୟର ୩୧୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୫,୨୨,୩୩୬ ଜଣ ପରୀକ୍ଷାର୍ଥୀ ଓଡ଼ିଶା ବୋର୍ଡ ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ପୂର୍ବାହ୍ନ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପରୀକ୍ଷାକୁ ସୁରୁଖୁରୁରେ ପରିଋଳନା କରିବା ପାଇଁ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପାଇଁ ୪୨ଟି ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀମାନେ ପରୀକ୍ଷା ସମୟରେ କପି ରୋକିବା ପାଇଁ ୯୦ଟି ଟିମ୍ ଗଠନ କରିଛନ୍ତି। ଏହା ବ୍ୟତୀତ ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ଦ୍ୱାରା ମଧ୍ୟ ସ୍କ୍ୱାଡ୍ ଗଠନ କରାଯାଇଛି।

# ପଶ୍ଚିମ ଓଡ଼ିଶାରେ ହେବ ଆଉ ୪ ବିମାନ ବନ୍ଦର

**ଭୁବନେଶ୍ୱର,୨୪।୨ (ମହାଭାରତ):** ପଶ୍ଚିମ ଓଡ଼ିଶା ପାଇଁ ଖୁସିର ଖବର। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାରେ ୪ଟି ନୂତନ ବିମାନ ବନ୍ଦର ନିର୍ମାଣ କରିବାକୁ ଯୋଜନା କରୁଛନ୍ତି । ଯାହା ଫଳରେ ଏହି ଅଞ୍ଚଳରେ ମୋଟ ବିମାନବନ୍ଦର ସଂଖ୍ୟା ୮କୁ ବୃଦ୍ଧି ପାଇବ। ଜମାଦାରପାଲି (ସମ୍ବଲପୁର), ସତୀଭଟା (ବରଗଡ଼), ଗୋତମା (ନୂଆପଡ଼ା) ଏବଂ ତୁସୁରା (ବଲାଙ୍ଗୀର)ରେ ନୂତନ ବିମାନ ବନ୍ଦର ନିର୍ମାଣ ହେବ। ବଲାଙ୍ଗୀର ବିଧାୟକ କଲିକେଶ ସିଂହ ଦେଓଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ପରିବହନ ମନ୍ତ୍ରୀ ବିଭୂତି ଜେନା ରାଜ୍ୟ ବିଧାନସଭାରେ ଏହା ସୂଚନା ଦେଇଛନ୍ତି।



ବର୍ତ୍ତମାନ ପଶ୍ଚିମ ଓଡ଼ିଶାରେ ଋରୋଟି ବିମାନବନ୍ଦର ଅଛି ଜୟପୁର ବିମାନବନ୍ଦର (କୋରାପୁଟ), ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର (ଝାରସୁଗୁଡ଼ା), ରାଉରକେଲା ବିମାନବନ୍ଦର (ସୁନ୍ଦରଗଡ଼) ଏବଂ ଉତକେଲା (କଳାହାଣ୍ଡି)ରେ ଏକ ବିମାନବନ୍ଦର। ଏହି ଋରୋଟି ବିମାନବନ୍ଦର ଭୁବନେଶ୍ୱର ସହିତ ସିଧାସଳଖ ସଂଯୋଗ ସହିତ କାର୍ଯ୍ୟ କରେ।

ବିଧାନସଭାରେ ପରିବହନ ମନ୍ତ୍ରୀ ପ୍ରକାଶ କରିଥିଲେ ଯେ ସରକାର ଜୟପୁର ବିମାନବନ୍ଦରକୁ ୨ବି ବର୍ଗରୁ ୩ସି ବର୍ଗକୁ ଉନ୍ନୀତ କରିବାକୁ ଯୋଜନା କରୁଛନ୍ତି। ଏଥିପାଇଁ ସରକାରଙ୍କୁ ପ୍ରାୟ ୨୨୯.୪ ଏକର ଜମି ଆବଶ୍ୟକ। ଏହାର ବିକାଶ ପାଇଁ ୬୪.୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଲାଙ୍ଗିର ଜିଲ୍ଲାର ତୁସୁରା ବିମାନବନ୍ଦରକୁ ମଧ୍ୟ ୨ବି ବର୍ଗକୁ ଉନ୍ନୀତ କରାଯିବ, ଯାହା ପାଇଁ ୬୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକୁ ଗ୍ରହଣ କରିବାରେ ବିଳମ୍ବ ହେବାର କାରଣ ହେଉଛି ଜମି ଅଧିଗ୍ରହଣ ଏବଂ ଏରୋଡ୍ରମ୍ ଲାଇସେନ୍ସିଂ, ମନ୍ତ୍ରୀ କହିଛନ୍ତି।

ଏହା ବ୍ୟତୀତ, କେଉଁଝର ଜିଲ୍ଲାର ରାଇସୁଆଁ ଏବଂ ବଡ଼ବିଲ, କନ୍ଧମାଳର ଗୁଡାରି, ମୟୂରଭଞ୍ଜ ଜିଲ୍ଲାର ଦାଣ୍ଡବୋସ ଏବଂ ଅମର୍ଦ୍ଦାରେ ଆଉ ଋରୋଟି ବିମାନବନ୍ଦର କାର୍ଯ୍ୟକ୍ଷମ କରାଯିବ। ଏହି ବିମାନବନ୍ଦରଗୁଡ଼ିକ ଓଡ଼ିଶାର କେନ୍ଦ୍ରୀୟ, ଉତ୍ତର ଏବଂ ପଶ୍ଚିମ-କେନ୍ଦ୍ରୀୟ ଅଞ୍ଚଳଗୁଡ଼ିକୁ ସେବା ଯୋଗାଇବ। ଏହି ସମୟରେ, ରାଜ୍ୟ ବଜେଟରେ ଶିଳ୍ପ, ରପ୍ତାନି ଏବଂ ଆମଦାନୀରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଶିଳ୍ପ କ୍ଲଷ୍ଟରରେ ବିମାନ ଚଳାଚଳ ମାନଚିତ୍ରକୁ ଆହୁରି ବିସ୍ତାର କରିବା ପାଇଁ ଶିଳ୍ପ ଏବଂ ବନ୍ଦର ସହର ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଛି।

# ଜନ ଭାଗିଦାରୀ ଦ୍ୱାରା ସ୍ୱଚ୍ଛତା ଅଭିଯାନ

**ଭୁବନେଶ୍ୱର,୨୪।୨ (ମହାଭାରତ):** ସମ୍ବଲପୁରକୁ ସ୍ୱଚ୍ଛ ରଖିବାକୁ ହେଲେ ଆମ ସମସ୍ତଙ୍କୁ ବ୍ୟକ୍ତିଗତ ସ୍ତରରେ ଦାୟିତ୍ୱ ନେବାକୁ ପଡିବ। ନିଜକୁ ପରିବର୍ତ୍ତନ ନ କଲେ, ସ୍ୱଚ୍ଛତା ପ୍ରତି ନିଜର ଦାୟିତ୍ୱବୋଧ ନ ରହିଲେ ସମ୍ବଲପୁର ସ୍ୱଚ୍ଛ ହେବ ନାହିଁ। ଦଳ, ମତ, ସଂଗଠନ ଓ ବିଚାରରୁ ଉର୍ଦ୍ଧ୍ୱରେ ରହି ସମସ୍ତଙ୍କୁ ଏଥିପାଇଁ ଆମ ସମସ୍ତଙ୍କୁ କାମ କରିବାକୁ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ।

ନିଜ ସଂସଦୀୟ କ୍ଷେତ୍ର ସମ୍ବଲପୁର ମହାନଗର ଅଂଚଳରେ ସ୍ୱଚ୍ଛତା ଅଭିଯାନ "ଜନ ଭାଗିଦାରୀ ଦ୍ୱାରା ସ୍ୱଚ୍ଛତା"ର ଶୁଭାରମ୍ଭ କରିବା ସହ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ କେନ୍ଦ୍ରମନ୍ତ୍ରୀ। ପତାକା ଦେଖାଇ ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛତା ଗାଡିର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଛନ୍ତି ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଦେଶର ପ୍ରଗତିରେ 'ସ୍ୱଚ୍ଛତା'କୁ ଏକ ମାଧ୍ୟମ କରିଥିଲେ। ସେହି ସ୍ୱଚ୍ଛତା ଅଭିଯାନକୁ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନଆନ୍ଦୋଳନରେ ପରିଣତ କରିଛନ୍ତି। ସମ୍ବଲପୁରରେ ସ୍ୱଚ୍ଛ ସମାଜସେବୀ ତିଆରି ହୋଇପାରିଲେ ହିଁ ଆମର ସ୍ୱଚ୍ଛ ସମ୍ବଲପୁରର ସ୍ୱପ୍ନ ପୂରଣ ହୋଇପାରିବ। ନିଜକୁ ଫିଟ୍ ରଖିବା ପାଇଁ ଯେଉଁଭଳି ଶାରିରୀକ ବ୍ୟାୟାମ କିମ୍ବା ଅନ୍ୟ ପ୍ରୟୋଗ ଆପଣାଇଛେ, ସେହି ସମୟରେ ସ୍ୱଚ୍ଛତାକୁ ମଧ୍ୟ ସମସ୍ତେ ଆପାଣାଇବା ଦରକାର। ସହରର ବିଭିନ୍ନ ପଡ଼ା, ଗଳି ଓ ରାସ୍ତାରେ ବ୍ୟବସ୍ଥିତ ଭାବରେ ଆମେ ସମସ୍ତେ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ଭାବେ ରଖିବା ଦରକାର। ଆମ ସମ୍ବଲପୁର ସ୍ୱଚ୍ଛ ସମ୍ବଲପୁର ନାରାକୁ ସଫଳ କରିବା ଦରକାର। ସ୍ୱଚ୍ଛ ସମ୍ବଲପୁର ଲକ୍ଷ୍ୟରେ ଆଗାମୀ ଦିନରେ ପ୍ରାୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସହରରେ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପ୍ଲାଂଟ୍ କରିବା ନେଇ ମଧ୍ୟ ମୋଦୀ ସରକାର ଯୋଜନା କରିଛନ୍ତି । ସ୍ୱଚ୍ଛତା ରକ୍ଷା ଦିଗରେ ସାମୂହିକ ଉଦ୍ୟମ ଲୋଡ଼ା ରହିଛି। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ସଂକଳ୍ପ ନେବା ଏବଂ ଆମ ସହର ଓ ଆଖପାଖ ଅଂଚଳକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା। ଗାନ୍ଧିଜୀଙ୍କ ସ୍ୱଚ୍ଛ ଭାରତ ସ୍ୱପ୍ନକୁ ପୂରା କରିବା ପାଇଁ ସଂକଳ୍ପ ନେବା। ସ୍ୱଚ୍ଛ ରଖୁଥିବା ସାଥୀମାନଙ୍କୁ ଉତ୍ସାହିତ କରିବା ଓ ନିରୋଗ ଜୀବନ ପାଇଁ ସ୍ୱଚ୍ଛତାକୁ ଆପଣାଇବା ବୋଲି ସେ କହିଛନ୍ତି।



# ୱାକରୁ ପକ୍ଷରୁ ଭୁବନେଶ୍ୱର ଟ୍ରେଡ଼ ଶୋ

**ଭୁବନେଶ୍ୱର,୨୪।୨ (ମହାଭାରତ):** ଗ୍ରାହକମାନଙ୍କୁ ଅଧିକ ସନ୍ତୁଷ୍ଟିକରଣ ନିମନ୍ତେ ୱାକରୁ ଏହାର ୧୦୦ରୁ ଅଧିକ ଫୁଟୱେୟାର ମଡ଼େଲର ଭିନ୍ନ ଭିନ୍ନ ବ୍ରାଣ୍ଡ ଭୁବନେଶ୍ୱର ଟ୍ରେଡ଼ ଶୋ ୨୦୨୫ରେ ଶୁଭାରମ୍ଭ କରିଛି। ସମଗ୍ର ଓଡ଼ିଶା, ଭୁବନେଶ୍ୱରରେ ଏଭଳି ଏକ ନିଜସ୍ୱ ଡ଼ିଜାଇନରେ ପ୍ରସ୍ତୁତ ତଥା ଜୀବନଧାରଣ ମାନକୁ ନେଇ ଗ୍ରାହକମାନଙ୍କ ପସନ୍ଦକୁ ଏହା ଅଗ୍ରାଧିକାର ପ୍ରଦାନ କରିଛି। ଗ୍ରାହକମାନଙ୍କର ଅନନ୍ୟ ଚାହିଦାକୁ ଅନୁମୋଦିତ କରି ୱାକରୁ ଏହାର ଉତ୍ପାଦନ ସାମଗ୍ରୀର ବିବିଧ ବିଭାଗର ଶୁଭାରମ୍ଭ କରିଛି ଯାହା ମଧ୍ୟରେ ରହିଛି:ୱାକରୁ+ ଏବଂୱାକରୁ++ ଅର୍ବାନନୋଜ ସମ୍ଭାର: ଅଭୁଦ ଆରାମ ପ୍ରଦାନକାରୀ ଷ୍ଟାଇଲକୁ ନେଇ ସୁବିଧା ଜନକ ପଦକ୍ଷେପ ଫିଟବେଡ଼ ସହିତ ଆରର୍କ ସହାୟତାକୁ ନେଇ ଏହା ଅଧିକ ଆରାମ ତଥା ଷ୍ଟାଇଲ ନିମନ୍ତେ ପ୍ରସ୍ତୁତ କରାଯାଇଛି।

# ଅପରାଧ ରୋକିବ ଏଆଇ କ୍ୟାମେରା

**ଭୁବନେଶ୍ୱର,୨୪।୨ (ମହାଭାରତ):** ଅପରାଧ, ଅପରାଧୀ ଏବଂ ଟ୍ରାଫିକ୍ ଉଲ୍ଲଂଘନ ବିରୁଦ୍ଧରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିବା ପାଇଁ କଟକ ଏବଂ ଭୁବନେଶ୍ୱରର ଟ୍ୱିନ୍ ସିଟିରେ ଖୁବ୍ ଶୀଘ୍ର ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଲଗାଯିବ। ସୋମବାର ଟ୍ୱିନ୍ ସିଟି ପୋଲିସ କମିଶନର ଏସ ଦେବଦତ୍ତ ସିଂହ ଏହା ଘୋଷଣା କରିଛନ୍ତିୟ ପୋଲିସ କମିଶନର କହିଛନ୍ତି ଯେ ଇଓ-ସକ୍ଷମ କ୍ୟାମେରା ବ୍ୟବହାର ଏହି ଦ୍ରୁତ ସହରୀକରଣ ହେଉଥିବା ସହରଗୁଡ଼ିକରେ ସାଧାରଣ ସୁରକ୍ଷାକୁ ସୁଦୃଢ଼ କରିବ।

ନୂତନ ଇଓ ପ୍ରଯୁକ୍ତିବିଦ୍ୟା ଟ୍ରାଫିକ ଅପରାଧୀ ଏବଂ ଅପରାଧିକ କାର୍ଯ୍ୟକଳାପ ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ବ୍ୟସ୍ତବହୁଳ ସହରାଞ୍ଚଳ କେନ୍ଦ୍ରଗୁଡ଼ିକରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ଏପରି ନବସୃଜନର ଆବଶ୍ୟକତା ଉପରେ ପୋଲିସ କମିଶନର ଆଲୋକପାତ କରିଥିଲେ।

ଏଆଇ କ୍ୟାମେରା ଲାଗିବା ସହିତ, ଯୋଜନାଗୁଡ଼ିକ ମଧ୍ୟରେ କ୍ଲୋଜ୍ ସର୍କିଟ୍ ଟେଲିଭିଜନ (ସିସିଟିଭି) କଭରେଜ୍ ବିସ୍ତାର କରିବା ଏବଂ ସୁରକ୍ଷା କର୍ମୀଙ୍କ ସଂଖ୍ୟା ବୃଦ୍ଧି କରିବା ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରୟାସଗୁଡ଼ିକର ଲକ୍ଷ୍ୟ ସମ୍ପ୍ରଦାୟକୁ ସମ୍ପୂର୍ଣ୍ଣ ନିରୀକ୍ଷଣ ପ୍ରଦାନ କରିବା, ଯାହା ଦ୍ୱାରା ସୁରକ୍ଷା ବୃଦ୍ଧି ଏବଂ ବାସିନ୍ଦାଙ୍କ ମନର ଶାନ୍ତି ବୃଦ୍ଧି କରିବା।



ପୋଲିସ କମିଶନରଙ୍କ ଅନୁଯାୟୀ, ଭୁବନେଶ୍ୱର ଏକ ସ୍ମାର୍ଟ ସିଟି ଏବଂ ଅନେକ ପ୍ରମୁଖ ଛକରେ ପୂର୍ବରୁ ୧୦୦୦ ସିସି ଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଜନସଂଖ୍ୟା ବୃଦ୍ଧି ଏବଂ ଅନ୍ୟାନ୍ୟ ଦିଗକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଏପରି କ୍ୟାମେରା ପର୍ଯ୍ୟାପ୍ତ ନୁହେଁ। ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ମୁହଁ ଚିହ୍ନଟ ସହିତ ସଜ୍ଜିତ ହେବ ଯାହା ଦ୍ୱାରା ଅପରାଧୀମାନଙ୍କୁ ସ୍ପଷ୍ଟ ଭାବରେ ଚିହ୍ନଟ କରାଯାଇପାରିବ ଏବଂ ସମ୍ପୂର୍ଣ୍ଣ ବିଶ୍ଳେଷଣ ଏଆଇ-ସକ୍ଷମ ହେବ। ଏହା କମିଶନରେଟ୍ ପୋଲିସ ଦ୍ୱାରା ସେବା ପ୍ରଦାନ, ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଅନ୍ୟାନ୍ୟ ସୁରକ୍ଷା ପଦକ୍ଷେପରେ ଅଧିକ ଦକ୍ଷତା ଆଣିବ, ପୋଲିସ କମିଶନର କହିଛନ୍ତି। ଅଞ୍ଚଳଗୁଡ଼ିକୁ ବିଋରକୁ ନେଇ ଏବଂ ନାଗରିକ ସମାଜ ଏବଂ ଅନ୍ୟମାନଙ୍କ ପରାମର୍ଶ ଆଧାରରେ ସମ୍ପୃକ୍ତ ପୋଲିସ ଷ୍ଟେସନ ଦ୍ୱାରା କରାଯାଇଥିବା ଏକ ଅଭ୍ୟାସ ଅନୁଯାୟୀ ଏଆଇ କ୍ୟାମେରା ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି। କମିଶନରେଟ୍ ପୋଲିସ ଅନେକ ଚୋରି ଏବଂ ଅନ୍ୟାନ୍ୟ ମାମଲା ଚିହ୍ନଟ କରିଛି। ଏହିପରି ମାମଲା କମିଶନରେଟ୍ ପୋଲିସ ପାଇଁ ଏକ ଶିକ୍ଷା ଥିଲା ଏବଂ ଅଧିକ ସିସି ଟିଭି କ୍ୟାମେରା ସ୍ଥାପନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା, ଯାହା ସାଧାରଣ ସହଭାଗୀତା ମାଧ୍ୟମରେ ମଧ୍ୟ ସମ୍ଭବ, ସେ କହିଛନ୍ତି।

ପୂର୍ବରୁ ଆପାର୍ଟମେଣ୍ଟଗୁଡ଼ିକୁ ସିସି ଟିଭି କ୍ୟାମେରା ସ୍ଥାପନ କରିବାକୁ ଅନୁରୋଧ କରିଥିଲୁ। ଅନେକ କ୍ୟାମେରା ଲଗାଯାଇଛି, କିନ୍ତୁ କିଛି କ୍ୟାମେରା କାମ କରୁଥିବା ଅବସ୍ଥାରେ ନାହିଁ। ସମସ୍ତ ସୁରକ୍ଷା ବ୍ୟବସ୍ଥା କାମ କରୁଥିବା ଅବସ୍ଥାରେ ଅଛି କି ନାହିଁ ତାହା ନିଶ୍ଚିତ କରିବା ଆପାର୍ଟମେଣ୍ଟ ସୋସାଇଟିଗୁଡ଼ିକର ଦାୟିତ୍ୱ, ପୋଲିସ କମିଶନର ଆହୁରି କହିଛନ୍ତି।

# ଆଇସିଡି ପକ୍ଷରୁ ଏସ୍‌ଆର୍‌ଏମ୍ କୁଳପତିଙ୍କୁ ଫେଲୋସିପ୍ ପ୍ରଦାନ



**ଭୁବନେଶ୍ୱର,୨୪।୨ (ମହାଭାରତ):** ଇଣ୍ଟରନ୍ୟାସନାଲ କଲେଜ ଅଫ୍ ଡେଣ୍ଟିଷ୍ଟ (ଆଇସିଡି) ସେକ୍ସନ-୬ (ଭାରତ, ଶ୍ରୀଲଙ୍କା ଓ ନେପାଳ) ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରତିଷ୍ଠାତା ଋନ୍ସେଲର ଡ.ପରବିନ୍ଧରଙ୍କୁ ସମ୍ମାନଜନକ ଫେଲୋସିପ୍ ପ୍ରଦାନ କରିଛି। ଡାକ୍ତର ପାରିଭେନ୍ଧରଙ୍କୁ ପ୍ରଦାନ କରାଯାଇଥିବା ଏହି ସମ୍ମାନଜନକ ଫେଲୋସିପ ଅଣ-ଦନ୍ତ ଚିକିତ୍ସକ/ ଅଣ-ଡାକ୍ତରୀମାନଙ୍କୁ ଖୁବ୍ କମ୍ ପ୍ରଦାନ କରାଯାଏ। ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଙ୍କର ଅବଦାନକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏସ୍‌ଆର୍‌ଏମ୍ କଟନକୁଲାଥୁର ଡେଣ୍ଟାଲ କଲେଜ ଏବଂ ହସ୍ପିଟାଲର ସହଯୋଗରେ କଟନକୁଲାଥୁରସ୍ଥିତ ଏସ୍‌ଆର୍‌ଏମ୍ ଆଇଏସ୍‌ଟି ଠାରେ ଆୟୋଜିତ ଆଇସିଡିର ବାର୍ଷିକ ବୈଠକ ଏବଂ ସମାବର୍ତ୍ତନ ଉତ୍ସବରେ ଉଭୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ.ପରବିନ୍ଧରଙ୍କୁ ସମ୍ମାନିତ କରାଯାଇଥିଲା। ଆଇସିଡିର ଗ୍ଲୋବାଲ ପ୍ରେସିଡେଣ୍ଟ ଡ. ଇଆନ୍ ଏମ୍ ଡୋଏଲ୍ ଏବଂ ଆଇସିଡି ସେକ୍ସନ-୬ ସଭାପତି ଡ. ମୀରାବର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ସମ୍ମାନଜନକ ଫେଲୋସିପ୍ ପ୍ରଦାନ କରିଥିଲେ।

# "ପରମ୍ପରା ଓ ଆଂଚଳିକ ଭାଷାର ମହତ୍ତ୍ୱ ଆମ ଅସ୍ମିତାକୁ ଦୃଢ଼ କରିବ"

**ଭୁବନେଶ୍ୱର,୨୪।୨ (ମହାଭାରତ):** ପରମ୍ପରା ଓ ଆଂଚଳିକ ଭାଷାର ମହତ୍ତ୍ୱ ଆମର ଅସ୍ମିତାକୁ ଦୃଢ଼ କରିବାରେ ସମର୍ଥ । ଭାରତୀୟ ସାହିତ୍ୟରେ ଓଡ଼ିଆ ଭାଷାର ମର୍ଯ୍ୟାଦା ଉଲ୍ଲେଖନୀୟ ବୋଲି ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଉଲ୍ଲେଖ କରିଛନ୍ତି । ଆଜି ପୂର୍ବାହ୍ଣରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଭୁବନେଶ୍ୱର ସାହିତ୍ୟ ପର୍ବର ଉଦ୍‌ଘାଟନ କରି ପ୍ରଫେସର ଶର୍ମା ଅସ୍ମିତାର ଅଭିବୃଦ୍ଧିକ୍ରମେ କଳା ସାହିତ୍ୟ ସଂସ୍କୃତିର ବିକାଶକୁ ଗୁରୁତ୍ୱ ଦେଇଛନ୍ତି । ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ବୋଧନ ଦେଇ ମାତୃଭାଷାର ବିକାଶ ନିମନ୍ତେ ସାହିତ୍ୟିକମାନଙ୍କର ଗରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ । ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ଓଡ଼ିଆ ଓ ସାନ୍ତାଳୀ ସାହିତ୍ୟର ବନ୍ଧୁତା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ପ୍ରଫେସର ଯତୀନ୍ଦ୍ର ନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ତାଙ୍କ ବକ୍ତବ୍ୟରେ ସାହିତ୍ୟ ଆମକୁ ବଂଚିବାର ଅର୍ଥ ଯୋଗାଇ ଦେଇଥାଏ ଓ ଏହି ସୃଜନଶୀଳ ଯାତ୍ରା ଭିବଷ୍ୟତ ପାଇଁ ଶୁଭଙ୍କର ବୋଲି ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପୌରୋହିତ୍ୟ କରିଥିବାବେଳେ ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ କବି ଡକ୍ଟର ଗୌତମ ଜେନା ଓ ଚିତ୍ରଶିଳ୍ପୀ ଶ୍ରୀ ପ୍ରଶାନ୍ତ ମାଝୀଙ୍କୁ ଯଥାକ୍ରମେ "କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ" ଓ "ଦିନନାଥ ପାଠୀ ଶିଳ୍ପୀ ସମ୍ମାନ" ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଶୈଳେନ୍ଦ୍ର କୁମାର ଜେନା, ବିଦ୍ୟୁତ୍‌ପ୍ରଭା ଗନ୍ତାୟତ, ଅଶୋକ ସିଂ ଓ ସୂର୍ଯ୍ୟ ମିଶ୍ରଙ୍କ ପୁସ୍ତକ ସମେତ ଅନୁଷ୍ଠାନର କବିତା ମୁଖପତ୍ର 'କବିତା-୨୦୨୪' ଓ ସାହିତ୍ୟ ପର୍ବର ସ୍ମରଣିକା 'ଆସର' ଲୋକାର୍ପିତ ହୋଇଥିଲା ।

ଉଦ୍‌ଘାଟନ ପରେ "ସମକାଳୀନ ଓଡ଼ିଆ ପ୍ରବନ୍ଧ ଓ ସମାଲୋଚନା" ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା, ଡ. ସଂଗ୍ରାମ ଜେନା, ଡ. ସଂଘମିତ୍ରା ଭଞ୍ଜ, ଡ. ଶୁଭଶ୍ରୀ ଲେଙ୍କା ଓ ଡ. ଜ୍ଞାନୀ ଦେବାଶିଷ ମିଶ୍ର ଅଂଶ ଗ୍ରହଣ କରିଥିବାବେଳେ "କୃତ୍ରିମ ବୁଦ୍ଧିମତ୍ତା ଓ ସୃଜନଶୀଳତା" ଶୀର୍ଷକ ଆଲୋଚନାଚକ୍ରରେ ପ୍ରଫେସର ଗଣପତି ପଣ୍ଡା, ଡ. ସତ୍ୟରଞ୍ଜନ ଦାସ, ସୁଶ୍ରୀ ଲିଙ୍କନ ସୁବୁଦ୍ଧି ଓ ଡ. ରୋଜାଲିନା ପ୍ରିୟଦର୍ଶିନୀ ଅଂଶଗ୍ରହଣ କରିଥିଲେ । ଅପରାହ୍ନରେ "ସମକାଳର ଓଡ଼ିଆ ବ୍ୟଙ୍ଗ ସାହିତ୍ୟ" ଉପରେ ଅଧ୍ୟାପକ ରମାକାନ୍ତ ମିଶ୍ର, ଜ୍ଞାନ ହୋତା, ଓମ୍ ଅଭିଜ୍ଞାନ ସାହୁ ଅଂଶଗ୍ରହଣ କରି ବ୍ୟଙ୍ଗ ସାହିତ୍ୟର ପ୍ରଭାବ ଓ ପରିସୀମା ଉପରେ ଉତ୍ତର ରଖିଥିଲେ ଏବଂ ଡକ୍ଟର ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ । ପରେ ପ୍ରସିଦ୍ଧ କଥାଶିଳ୍ପୀ ବନଜ ଦେବୀ ଓ ଡ. ଅରବିନ୍ଦ ରାୟଙ୍କ ମଧ୍ୟରେ ଆଳାପ ହୋଇଥିଲା । ଅପରାହ୍ନରେ "ଓଡ଼ିଆ ସଙ୍ଗୀତ ମଂଚନାଟକ ଓ ସିନେମା: ସ୍ଥିତି ଓ ସମ୍ଭାବନା" ଶୀର୍ଷକ ଦଳଗତ ଆଲୋଚନାରେ ଶ୍ରୀ ଗଦାଧର ପୁଟୀ, ଡ. ସଙ୍ଗୀତା ଗୋସାଇଁ, ଶ୍ରୀ ଦେବାନନ୍ଦ ସୋନୀ, ଡ. ଆଦ୍ୟାଶା ଦାସ ଓ ସୂର୍ଯ୍ୟ ଦେଓ ଆଲୋଚନା କରିଥିଲେ । ସଂଧ୍ୟାରେ ପ୍ରଣମ୍ୟ ସଙ୍ଗୀତ ସାଧିକା ଗୁରୁମା ସୁନନ୍ଦା ପଟ୍ଟନାୟକଙ୍କ ଜୀବନୀ ଆଧାରିତ ବୃତ୍ତଚିତ୍ର "ନୀଳମାଧବ" ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ରାଜ୍ୟର ପ୍ରସିଦ୍ଧ ଲେଖକ, କବି, ସାହିତ୍ୟିକ, ସଙ୍ଗୀତଜ୍ଞ, ସମାଜକର୍ମୀ ଓ ସଂସ୍କୃତିପ୍ରେମୀମାନେ ଉପସ୍ଥିତ ଥିଲେ । ଉତ୍ସବ ଆସନ୍ତାକାଲି ମଧ୍ୟ ଚାଲିବ ।

## ୟୁକ୍ରେନ ଉପରେ ନଜର

ସୋଭିଏତ ରୁଷର ବିଭାଜନ ପରେ ୟୁକ୍ରେନ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ଜନ୍ମ ନେଲା । ସେତେବେଳେ ଅଘୋଷିତ ଚୁକ୍ତି ଥିଲା ସୋଭିଏତ ରୁଷର ବିଭଜନ ପରେ ଯେଉଁ ନୂଆ ଦେଶ ସୃଷ୍ଟି ହେଲା ସେମାନେ ନାଟୋର ସଦସ୍ୟ ହେବେନି ଏବଂ ପୁରୁଣା ସମ୍ପର୍କ ଆଧାରରେ ଋଷିଆ ଏବଂ ଅନ୍ୟ ଦେଶମାନଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା କରିବେ । କିନ୍ତୁ ୟୁକ୍ରେନ ଏହି ଚୁକ୍ତିରୁ ଓହରିବାରୁ ଋଷିଆ ୟୁକ୍ରେନ ଉପରେ ଆକ୍ରମଣ କଲା । ଏକଥା ସ୍ୱୀକାର କରାଯାଇପାରେ ଯେ, ଏକ ସ୍ୱାଧୀନ ରାଷ୍ଟ୍ରଭାବେ ୟୁକ୍ରେନର ଅଧିକାର ରହିଛି ଯେ, ଏହା ନିଜ ପସନ୍ଦ ବା ଇଚ୍ଛାନୁଯାୟୀ କୌଣସି ମେଣ୍ଟରେ ସାମିଲ ହୋଇପାରିବେ । କିନ୍ତୁ ଯାହା ବି ହେଲେ ଭରସା ଏବଂ ବିଶ୍ୱାସ ବୋଲି କିଛି ରହିଛି । ୟୁକ୍ରେନ ଉପରେ ଋଷିଆ ବିଶ୍ୱାସ ରଖିଥିଲା ଯେ, ଆମେରିକା ବା ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସହ ହାତ ମିଳାଇବ ନାହିଁ । କାରଣ ନାଟୋ ହେଉଛି ଏକ ଋଷିଆ ବିରୋଧୀ ଶକ୍ତି । ତେଣୁ ୟୁକ୍ରେନ ବିରୋଧରେ ଋଷିଆର ଆଭିମୁଖ୍ୟ ମଧ୍ୟ କେତେକାଂଶରେ ଯଥାର୍ଥ । ଯୁଦ୍ଧ ଆରମ୍ଭରୁ ସମସ୍ତେ ଆକଳନ କରିଥିଲେ ଯ, ଏହି ଯୁଦ୍ଧ ୧୫ ଦିନରୁ ଅଧିକ କାଳ ଚାଲିପାରିବ ନାହିଁ । କାରଣ ଋଷିଆର ସାମରିକ ଶକ୍ତି ଆଗରେ ୟୁକ୍ରେନ କିଛି ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ତିନି ବର୍ଷ ପରେ ବି ଏହି ଯୁଦ୍ଧ ଜାରି ରହିଛି । ଋଷିଆ ଆକ୍ରମଣରେ ୟୁକ୍ରେନ ଏକପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଛି । ଅନେକ ଧନଜୀବନ ହାନି ହୋଇଛି । ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ । ତଥାପି ୟୁକ୍ରେନ ତିଷ୍ଠି ରହିବାର କାରଣ ହେଲା ୟୁକ୍ରେନକୁ ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଉଭୟ ସାମରିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । କିନ୍ତୁ ଏବେ ପରିସ୍ଥିତିରେ ଦ୍ରୁତ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦ୍ୱିତୀୟ ଇନିଂସ ଆରମ୍ଭ କରିବା ପରେ ଯୁଦ୍ଧର ପରିସମାପ୍ତି ଲାଗି ଋଷିଆ ସହ ସାନି ଆଲୋଚନା ଆରମ୍ଭ ହୋଇଛି । କିନ୍ତୁ ଏହି ଆଲୋଚନା ପ୍ରକ୍ରିୟରୁ ୟୁକ୍ରେନକୁ ବାଦ ଦିଆଯାଇଛି । ଏହା ଗ୍ରହଣୀୟ ନୁହେଁ । ଯାହା ବି ହେଲେ ୟୁକ୍ରେନ ଏକ ସ୍ୱାଧୀନ ରାଷ୍ଟ୍ର । ନିଜ ସମ୍ପର୍କରେ ନିଷ୍ପତ୍ତି ନେବାର ଅଧିକାର ଏହାର ରହିଛି । ଟ୍ରମ୍ପ-ପୁଟିନ ୟୁକ୍ରେନ ସମ୍ପର୍କରେ ଏକପାଖିଆ ନିଷ୍ପତ୍ତି ନେଇପାରିବେ ନାହିଁ । ଟ୍ରମ୍ପ କହିଛନ୍ତି ଯେ, ଆମେରିକା ୟୁକ୍ରେନକୁ ୫୦୦ ବିଲିୟନ ଡଲାର ସହାୟତା ପ୍ରଦାନ କରିଛି । ପ୍ରତିବଦଳରେ ଆମେରିକା ୟୁକ୍ରେନର ମୂଲ୍ୟବାନ ଖଣିଜ ସମ୍ପଦକୁ ନିଜ କବଜାରେ ରଖିବାକୁ ଚାହୁଁଛି । ଏହା ଆମେରିକାର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି । ବିଶ୍ୱର ସବୁଠାରୁ ଶକ୍ତିଶାଳି ଏବଂ ଧନଶାଳି ରାଷ୍ଟ୍ର ଆମେରିକାଠାରୁ ଏହା ଆଶା କରାଯାଏନି । ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଜଣେ ଏକଛତ୍ରବାଦୀ ଭାବେ ବର୍ଣ୍ଣନା କରିଛନ୍ତି । କିନ୍ତୁ ଜେଲେନସ୍କି ୟୁକ୍ରେନର ଜଣେ ଲୋକପ୍ରିୟ ନେତା । ଏକଛତ୍ରବାଦୀ ଶାସକ କହିଲେ ପୁଟିନ ଏବଂ ଜିନ ପିଙ୍ଗଙ୍କୁ ବୁଝାଏ । ଆମେରିକା ରାଷ୍ଟ୍ରପତିଙ୍କ ଏହି ଆଭିମୁଖ୍ୟ ପରିସ୍ଥିତିକୁ ଆହୁରି ଗୋଳମାଳିଆ କରି ଦେଇଛି । ଯୁଦ୍ଧ ଶୀଘ୍ର ବନ୍ଦ ହେବା ଉଚିତ । କିନ୍ତୁ ଏଥିପାଇଁ ୟୁକ୍ରେନକୁ ଶୋଷଣ କରିବାର ଅଧିକାର ଆମେରିକାର ନାହିଁ । ରାଷ୍ଟ୍ରପତି ଟ୍ରମ୍ପ ଏଥିରୁ ନିବୃତ୍ତ ରହିବା ଉଚିତ । ଋଷିଆର ମୁକାବିଲାରେ ୟୁକ୍ରେନ ଆଜି ପର୍ଯ୍ୟନ୍ତ ସଫଳ ହେବାର କାରଣ ହେଲା ଋଷିଆ ଏହାର ପୂର୍ଣ୍ଣ ସାମରିକ ଶକ୍ତି ୟୁକ୍ରେନ ବିରୋଧରେ ପ୍ରୟୋଗ କରିନାହିଁ । ଏଥିପାଇଁ ପୁଟିନଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ । ଆଶା ଆଗକୁ ମଧ୍ୟ ଋଷିଆ ଏଭଳି କିଛି ପଦକ୍ଷେପ ନନେଉ । ଇତିମଧ୍ୟରେ ଜେଲେନସ୍କି କହିଛନ୍ତି ଯେ, ୟୁକ୍ରେନର ସ୍ୱାର୍ଥ ଏବଂ ସୁରକ୍ଷା ନିମନ୍ତେ ସେ ନିଜ ପଦରୁ ଇସ୍ତଫା ଦେବାକୁ ପ୍ରସ୍ତୁତ । ଯାହା ଆକଳନ କରାଯାଉଛି ଶେଷରେ ଜେଲେନସ୍କି ତାଙ୍କ ପଦ ଛାଡ଼ିବାକୁ ବାଧ୍ୟ ହେବେ ।

## ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

“ ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା । ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ । କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା ।

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ । ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ । ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ । ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ । ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ । ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି । ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ । ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା । ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ । କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ । ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ । କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି । ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା । ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ । ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା । ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ । କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା । ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା । ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା । ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ । ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା । ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍‌ସୋର୍ଟିୟମ ଗଠନ କରାଗଲା । ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍‌ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା । ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା । କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ । ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା । ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ । ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା । ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା । ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା । ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ । ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି । ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି । ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି । ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର । ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ । ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

## ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ ‘ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ । ପିତରି ପ୍ରୀତିମାପନ୍ନେ ପ୍ରୀୟେନ୍ତେ ସର୍ବଦେବତା ।’ ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ । ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି । ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ । ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ । ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ । ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ । ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ । ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ । ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ । ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ । ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ । ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ । ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ । ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ । ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି । କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ । ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି । ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଈ ମାନଙ୍କର ସେବା ନିଜେ କରନ୍ତି । ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି । ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ । ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ । ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା । ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା ।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି । ସେ ଧନାଢ଼୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି । ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ । ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ । ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ । ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ । ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ । ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ । ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା । ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି । ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ । ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ । ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି । ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା । ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି । ସମସ୍ତଙ୍କ ପାଟିରେ ଗୋଟିଏ କଥା, ‘ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି । ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ । ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ । ଦରକାର ପଡ଼ିଲେ ସମସ୍ତ ଧନ ମଧ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ । ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା ‘ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି । ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି । ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି । ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ । ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ ।’

ଦୂରଭାଷ : ୯୬୯୨୯୮୦୦୨୬

## କ’ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ । ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ’ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି । ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା । କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି । ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଟଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ’ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ । କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ । ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳିନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୁକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶୀତା ଦେଖାଇ ଆସିଛନ୍ତି । ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; “ଅଲା ବିଜିକ୍‌ରିଲ୍ଲାହି ତ୍ତତ୍‌ମଇନ୍ନଲ୍‌କୁଲୁବ୍” ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନିବା । ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା । ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା । ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା । ଏହା ହିଁ ଆମର କାମନା ।

ଭୁବନେଶ୍ୱର, ୟୁନିଟ-୪
ମୋ. ୯୬୯୨୨୨୫୦୫୭

## ଅଜଣା ଗାଡ଼ି ଧକ୍କାରେ ଗାଈ ଗୁରୁତର

କୋକସରା,(ମହାଭାରତ): ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ବଙ୍ଗୋମୁଣ୍ଡା କଲୋନୀପଡା ନିକଟରେ ସୋମବାର ଅଜଣା କାର ଧକ୍କାରେ ଏକ ବୁଲା ଗାଈ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣା ଘଟାଇଥିବା କାର ଘଟଣାସ୍ଥଳରୁ ଫେରାର ହୋଇଥିବାବେଳେ ଗାଈଟି ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡ଼ିରହିଥିଲା। ସ୍ଥାନୀୟ ଯୁବକମାନେ ଏହା ଦେଖିବା ପରେ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଖବର ଦେଇଥିଲେ।ଏହାପରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଆମ୍ବୁଲାନ୍ସ ଗାଡି ପହଞ୍ଚିଥିଲା। ଲଡୁଗାଁ ଏଲ୍ଆଇ ବିଶ୍ୱଜିତ ମାଝୀ, ବଳଭଦ୍ର ମାଝୀ, କାଉଡୋଲା ଏଲ୍ଆଇ ଭାଗୀରଥି ନାଗ, କର୍ମଚାରୀ ସହଦେବ ରାଉତ ପ୍ରମୁଖ ଗୁରୁତର ଅବସ୍ଥାରେ ଗାଈକୁ ଉଦ୍ଧାର କରି ସେଠାରେ ଚିକିତ୍ସା ଆରମ୍ଭ କରିଥିଲେ। ଏହା ପରେ ଗାଈର ଅବସ୍ଥା ସାମାନ୍ୟ ସୁଧାର ଆସିଥିବା ଜଣାପଡିଛି। ତେବେ ଉକ୍ତ ଗାଈଟି ଗମ୍ଭାରୀଗୁଡା ପଞ୍ଚାୟତ ଅଁଳାଗୁଡା ଗ୍ରାମର ଚାଷୀ ମାଧବ ଗହୀରଙ୍କ ବୋଲି ଜଣାପଡ଼ିଛି।

## ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ



କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡା ପଞ୍ଚାୟତ ଠାରେ ଆଜି ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜୟପୁର ବ୍ଲକ ର ବିଏସଏସଓ କେ ନିଶା ,ସରପଞ୍ଚ ମୋନନ୍ଧର ଗାଦା ,ଜିପିଡିଓ ଶିବ ପଣ୍ଡା, ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ର ସେକର ମହାପାତ୍ର , ଏଇ ସୁକାନ୍ତ ବାରିକ,ଏଇ ରଂଜିତା ରାଣୀ ପଣ୍ଡା,ସମିତି ମେମ୍ବର ,ଏପିଓ ସନ୍ତୋଷୀ ମହାପାତ୍ର,ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଗ୍ରାମବାସୀ ମାନେ ଉପସ୍ଥିତ ରହିଥିଲେ। ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ସମସ୍ୟା ଅଭିଯୋଗ ଜଣାଇଥିଲେ, ନୂତନ ରାସ୍ତା, ରାସ୍ତା ମରାମତି,ଷ୍ଟ୍ରିଟ ଲାଇଟ, ଡ୍ରେନ,ପାନୀୟ ଜଳ,ର ସମସ୍ୟା ଉପରେ ଆଲୋଚନା ହୋଇଥିଲା, ବିଭିନ୍ନ ସରକାରୀ ଯୋଜନା ର କିପରି ଲାଭ ପାଇପାରିବେ ଉପସ୍ଥିତ ଅଧିକାରୀ ମାନେ ଜଣେଇଥିଲେ।ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ମଧ୍ଧ ଶୁଣାଣି ହୋଇଥିଲା,ଏହି କାର୍ଯ୍ୟକ୍ରମ ରେ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ।

## ପରମ ପ୍ରେମ ମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ ତମ ଜନ୍ମୋତ୍ସବ



ଟାଙ୍ଗୀ(ମହାଭାରତ):ପରମ ପ୍ରେମ ମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୭ ତମ ଜନ୍ମୋତ୍ସବ ସହିତ ସତସଙ୍ଗ କେନ୍ଦ୍ରର ବାର୍ଷିକ ଉତ୍ସବ ଟାଙ୍ଗୀ ଚାନ୍ଦପୁର ସତସଙ୍ଗ କେନ୍ଦ୍ର ଠାରେ ମହା ଆଡ଼ମ୍ବର ସହକାରେ ପାଳିତ ହୋଇ ଯାଇଅଛି।ଏହି ଅବସରରେ ବ୍ରାହ୍ମ ମୁହୂର୍ତ୍ତରେ ବେଦ ଓ ମାଙ୍ଗଳୀକ ନହବତ ଉଷା କୀର୍ତନ।ପ୍ରାତଃ ବିନତି ପ୍ରାର୍ଥନା ଗ୍ରଂ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ସହ ଜନ୍ମ ଲଗ୍ନ ଘୋଷଣା ସହ ସତସଙ୍ଗ ଓ ସଦାଲୋଚନା ଅନୁଷ୍ଠିତ ହୋଇଥିଲା।ଏହି କାର୍ଯ୍ୟକ୍ରମରେ ସତସଙ୍ଗୀ ଲକ୍ଷ୍ମୀଧର ସାହୁ ସଭାପତିତ୍ୱ କରିଥିବା ବେଳେ ବିଜୟ କୁମାର ସିଂୟସରତ କୁମାର ବେହେରା।ସଂଜୟ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହା ପରେ ଆନନ୍ଦ ବଜାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଦ୍ଧ ପୁ□ ଚିତ୍ତରେ ୧୦୦୦ ରୁ ଅଧିକ ଭାଇ ଭଉଣୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜକୁ ଧନ୍ୟ ମଣିଥିଲେ।

## କାଳେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

କୋକସରା,୨୪ୟ୨(ମହାଭାରତ) : କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତର ଓଲମା ଗ୍ରାମରେ ନବ ନିର୍ମିତ କାଳେଶ୍ୱର ମହାଦେବଙ୍କ ଭବ୍ୟ ମନ୍ଦିର ସୋମବାର ପ୍ରତିଷ୍ଠାତା ହୋଇଛି। ଗୁରୁବାରଠାରୁ ପ୍ରତ୍ୟହ ବିଭିନ୍ନ ପୂଜାକାର୍ଯ୍ୟ ଚାଲିଥିବାବେଳେ ସେମବାର ସକାଳୁ ଶିବ ମନ୍ଦିର ତ୍ରିଶୂଳ ଧ୍ୱଜା ରୋପଣ, ଚଣ୍ଡି ମନ୍ଦିର ତ୍ରିଶୂଳ ଧ୍ୱଜା ରୋପଣ, ଦେବ ପ୍ରବେଶ ସହ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି କ୍ରମରେ ମନ୍ଦିର ବେଢ଼ାରେ ଶହ ଶହ ଭକ୍ତଙ୍କ ସମାଗମ ହେବା ସହ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ପ୍ରମୁଖ ସାମିଲ ହୋଇ ମନ୍ଦିର ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ନିମନ୍ତେ ମହାଦେବଙ୍କ ଠାରେ ଆଶୀର୍ବାଦ କାମନା କରିଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିବାବେଳେ ଓମ୍ ନମଃ ଶିବାୟ ଧ୍ୱନିରେ କମ୍ପିଥିଲା ମନ୍ଦିର ବେଢ଼ା। ଏହି କ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା। କର୍ତ୍ତା ଭାବରେ କମଳ କୁମାର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ବବିତା ଦେବୀ ଦାୟିତ୍ୱ ନିର୍ବାହ କରିଥିଲେ। ଆଚାର୍ଯ୍ୟ ଗୋପାଳଜୀ ପ୍ରସାଦ ଠାକୁର, ବ୍ରହ୍ମା ଶ୍ରୀପତି ଠାକୁର, ସ୍ୱାସ୍ତିବାଚକ ଭାସ୍କର ଠାକୁର, ରୁଦ୍ରୀ ଅନିରୁଦ୍ଧ ଠାକୁର, ବିଶମ୍ଭର ଯୋଷୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। କାଳେଶ୍ୱର ମନ୍ଦିର ଟ୍ରଷ୍ଟି ସଭାପତି ଫୁଲଚନ ଶବର, ସାଧାରଣ ସମ୍ପାଦକ ସଂଜୀବ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଚ୍ୟୁତ ସାହୁ, ଧନଞ୍ଜୟ ସାହୁ, ମୁଖ୍ୟ ପୂଜକ ନିତ୍ୟାନନ୍ଦ ଶବର, ତ୍ରିନାଥ ଶବର, ଶେଷ ରଞ୍ଜନ ପଣ୍ଡା, ସୁମନ୍ତ କୁମାର ଅଗସ୍ତି, ଭୂପେନ୍ଦ୍ର ଶବର, ଉମାକାନ୍ତ ମାଝୀ, ଘାସିରାମ ମାଝୀ, ବଳଦେବ ସାହୁ, ଚକ୍ରଧର ଶବର, ବିଭୁତି ଭୂଷଣ ମାଝୀ ସମେତ ଓଲମା ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।

## ବଅଁରପାଳରେ ୨ କୋଟି ଟଙ୍କା ମୂଲ୍ୟର ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ



ଅନୁଗୋଳ,(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ବଅଁରପାଳ ଠାରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ ଅଞ୍ଚଳର ଆବଶ୍ୟକତା ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାରକୁ ଗୁରୁତ୍ୱ ଦେବା ସହ କାର୍ଯ୍ୟକୁ ବ୍ୟାପକ କରାଇବା ପାଇଁ ସହଯୋଗୀ ହେବାକୁ ଟାଟା ଷ୍ଟିଲ ଫାଉଣ୍ଡେସନକୁ ପରାମର୍ଶ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟରେ ବଅଁରପାଳ ଛକର ସୌନ୍ଦର୍ଯ୍ୟକରଣ ଏବଂ ଆଲୋକୀକରଣ ପାଇଁ ସମନ୍ୱିତ ବିକାଶ ପ୍ରକଳ୍ପ ଓ ୫୦ ଲକ୍ଷ ଟଙ୍କା ବ୍ୟୟରେ 'ଅମୃତ ସରୋବର' ପ୍ରକଳ୍ପ ଅଧୀନରେ ଗୋତମରା ପୋଖରୀର ନବୀକରଣ ପାଇଁ ଶିଳାନ୍ୟାସ କରିଛନ୍ତି । ସେହିପରି ସ୍ଥାନୀୟ ପିଏସଏସଜେ ଜୁନିୟର ମହାବିଦ୍ୟାଳୟ ଠାରେ ଟାଟା ଷ୍ଟିଲ ଫାଉଣ୍ଡେସନର ବାର୍ଷିକ ଉତ୍ସବ 'ଅରୁଣିମା- ୨୦୨୫' ରେ ଯୋଗଦେବା ସହ ୨୫ ଲକ୍ଷ ଟଙ୍କା ବ୍ୟୟରେ ଏହି କଲେଜର ଲ୍ୟାବ୍ ଓ ଖେଳପଡ଼ିଆ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ କେନ୍ଦ୍ରମନ୍ତ୍ରୀ। ଏହାସହ ବଅଁରପାଳ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସପ୍ତମ ବା ତଦୁର୍ଦ୍ଧ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ପିଲାମାନଙ୍କୁ ଜ୍ୟୋତି ଛାତ୍ରବୃତ୍ତି ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ସହଯୋଗରେ ଟଟା ଷ୍ଟିଲ୍ ଫାଉଣ୍ଡେସନର ଏହି ସାଧୁ ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୋଳ ଓ ତାଳଚେରର ମୁଖଶାଳା ହେଉଛି ବଅଁରପାଳ । ବଅଁରପାଳ ବ୍ଲକର ଗୋତମରା ଗାଁ ଏକ ଐତିହାସିକ ଗ୍ରାମ । ଏହି ଗ୍ରାମରେ ବିଶିଷ୍ଟ ରାଜନୀତିଜ୍ଞ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହ ଜନ୍ମଗ୍ରହଣ କରିଥିଲେ । ଆଜି ଶୁଭାରମ୍ଭ ହୋଇଥିବା ପାଖାପାଖି ୨ କୋଟି ମୂଲ୍ୟର ପ୍ରକଳ୍ପ ଗୁଡ଼ିକ ବଅଁରପାଳକୁ ଏକ ନୂଆ ପରିଚୟ ଦେବ । ଏହି ଗ୍ରାମର ସୌନ୍ଦର୍ଯ୍ୟକରଣ ସହ ଜନସାଧାରଣଙ୍କ ଯାତାୟତ ସୁବିଧା ପାଇଁ ଆମେ ବଦ୍ଧପରିକର । ଗୋତମରା ପୋଖରୀ ନିକଟରେ ସ୍ୱର୍ଗତ ଅଦ୍ୱୈତ ପ୍ରସାଦ ସିଂହଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ନେଇ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଥିଲେ ୟସେହିପରି ପିଏସଏସଜେ କଲେଜରେ ଶିଳାନ୍ୟାସ ହୋଇଥିବା ପରୀକ୍ଷାଗାର ଓ ଖେଳ ପଡ଼ିଆ ଦ୍ୱାରା ଛାତ୍ରଛାତ୍ରୀମାନେ ଉପକୃତ ହେବେ । ବଅଁରପାଳରେ ଖେଳର ପରମ୍ପରା ରହିଛି । ଧୀରେ ଧୀରେ ଖେଳ ପ୍ରତି ପିଲାମାନଙ୍କ ଆଗ୍ରହ ବଢୁଛି । ଏହି ଅଞ୍ଚଳରେ ଆଗାମୀ ଦିନରେ ଖେଳର ବିକାଶ ହେବ । ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଅନୁଗୋଳ ଜିଲ୍ଲାକୁ ଏକ ଆଧୁନିକ ଜିଲ୍ଲା ଭାବେ ଗଢ଼ିବା ପାଇଁ ସାମୂହିକ ଦାୟିତ୍ୱ ନେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ ବଅଁରପାଳ ବ୍ଲକ ତଳମୂଳ ସ୍ଥିତ ଦୁର୍ଗା ମାଧବ ମନ୍ଦିର ଓ ଶନିଶ୍ଚର ମନ୍ଦିରରେ ଦର୍ଶନ କରିଥିଲେ ।ଉକ୍ତ କାର୍ଯ୍ୟକ୍ରମ ରେ କେନ୍ଦ୍ରମନ୍ତ୍ରୀ ଙ୍କ ସହ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟକ ସୀମାରାଣୀ ନାୟକ, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ଅନୁଗୁଳ ଜିଲ୍ଲାପାଳ ଅବଦୁଲ ଏମ ଅଖତାର ଏସପି ରାହୁଲ ଜୈନ, ଜିଲ୍ଲା ସଭାପତି ଯଯାତି କେଶରୀ ପଟ୍ଟନାୟକ, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ ଙ୍କ ସମେତ ବହୁ ପଦାଧିକାରୀ ଯୋଗ ଦେଇଥିଲେ।

## ସଭା ଘର ଠାରେ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ



ଅନୁଗୋଳ,(ମହାଭାରତ):ଅନୁଗୋଳରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିକ୍ଷୟ ମିତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ସ୍ଥାନୀୟ ସଭାଘର ଠାରେ ହୋଇଯାଇଛି। ୨୦୨୫ ଡିସେମ୍ବର ସୁଦ୍ଧା ଅନୁଗୋଳ ଜିଲ୍ଲାରୁ କ୍ଷକ୍ଷ୍ମା ରୋଗ ମୁକ୍ତ କରିବା ପାଇଁ ହେଲେ ଟିବି ମୁକ୍ତ ଭାରତ ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ହେବ ।ଜନଭାଗିଦାରୀରେ ହିଁ ଜିଲ୍ଲାରୁ ଟିବି ମୁକ୍ତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ରବିବାର ଅନୁଗୋଳ ଠାରେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଅଭିଯାନ ଅନ୍ତର୍ଗତ ନିକ୍ଷୟ ମିତ୍ରକାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି କାର୍ଯ୍ୟକ୍ରମରେ ନିକ୍ଷୟ ମିତ୍ରରେ ସ୍ୱେଚ୍ଛାକୃତ ଭାବେ ସାମିଲ ହୋଇଥିବା ଅନୁଗୋଳ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଗାର୍ଗୀଙ୍କ ସହ କଥା ହୋଇଥିଲେ କେନ୍ଦ୍ରମନ୍ତ୍ରୀ । ତାଙ୍କ ସେବା ମନୋଭାବକୁ ପ୍ରଶଂସା କରି ସେ କହିଥିଲେ ଗାର୍ଗୀ ସ୍ୱେଚ୍ଛାକୃତ ଭାବରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ନିକ୍ଷୟ ମିତ୍ରରେ ସାମିଲ ହୋଇ ଟିବି ରୋଗୀଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିଛନ୍ତି । ଟିବି ରୋଗୀଙ୍କ ଦାୟିତ୍ୱ ନେଇ ସେ ସମାଜରେ ସେବା ମନୋଭାବର ଏକ ଉଦାହରଣ ସୃଷ୍ଟି କରିଛି । ଗାର୍ଗୀଙ୍କ ପରି ଦୃଢ଼ ଇଚ୍ଛାଶକ୍ତି ଓ ସେବା ପ୍ରତିବଦ୍ଧତାର ମାନସିକତା ରଖୁଥିବା ପିଲାମାନେ ହିଁ ସମାଜରୁ ଯକ୍ଷ୍ମା ଭଳି ରୋଗକୁ ଦୂର କରିପାରିବେ । ଶ୍ରୀ ପ୍ରଧାନ ଗାର୍ଗୀର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ କାର୍ଯ୍ୟରତ ଆଶାଦିଦିମାନଙ୍କୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ।ଏହି କାର୍ଯ୍ୟକ୍ରମ ରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଶୋକ ମହାନ୍ତି, ଅଗସ୍ତି ବେହେରା ଓ ବ୍ରଜ କିଶୋର ପ୍ରଧାନ, ଜିଲ୍ଲାପାଳ ଅବଦୁଲ ଏମ ଅଖତାର, ଏସପି ରାହୁଲ ଜୈନ ଙ୍କ ସମେତ ସମସ୍ତ ପଦାଧିକାରୀ ଯୋଗ ଦେଇଥିଲେ।

## ବିକାଶମୁଖି ଗ୍ରାମାଞ୍ଚଳ ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ ପଞ୍ଚାୟତ ସମିତି ବୈଠକ ଗୃହ ରେ ଆଜି ବିକଶିତ ଗାଁ ବିକଶିତ ଓଡିଶା ପାଇଁ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି, ନୂତନ ସରକାର ରେ ଗ୍ରାମା□ଳ ମାନଙ୍କ ରେ ନୂତନ କାର୍ଯ୍ୟକ୍ରମ ହାତକୁ ନିଆଯାଇ କିପରି ଏହି କାର୍ଯ୍ୟକ୍ରମ ସର୍ବସମ୍ମତି କ୍ରମେ ସୁଚାରୁ ରୂପେ ହୋଇପାରିବ ସେହି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି । ଗ୍ରାମା□ଳ ରେ ଆଗରୁ ଯେହିପରି ଗ୍ରାମସଭା ମାଧ୍ୟମ ରେ ସମସ୍ତ କାର୍ଯ୍ୟ କରାଯାଉଥିଲା ଠିକ ସେହିପରି ପ୍ରତ୍ୟେକ ଉନ୍ନୟନ ମୂଳକ କାର୍ଯ୍ୟ ପଞ୍ଚାୟତସମିତି ମାଧ୍ୟମ ରେ କରାଯିବ, ଗ୍ରାମାଞ୍ଚଳ ରେ ସମସ୍ତ ଅଞ୍ଚଳ କୁ ପକ୍କାସଡ଼କ, ପୁଷ୍କରିଣୀ, ଉଦ୍ୟାନ, ମଠ ମନ୍ଦିର ସହିତ କ୍ଷୁଦ୍ର ବୃହତ ଅନେଲ ସରକାରୀ ପ୍ରକଳ୍ପ ଯାହା ଗ୍ରାମାଞ୍ଚଳ ବିକାଶ ସହିତ ଜଡିତ ଅଛି ସେହି କାର୍ଯ୍ୟକ୍ରମ ପଞ୍ଚାୟତସମିତି ମାଧ୍ୟମ ରେ ସୁଚାରୁରୂପେ ଅନୁଷ୍ଠିତ ହୋଇଯାଇଛି। ଆମ ଦେଶ ର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଙ୍କ ଆହ୍ୱାନ ରେ ଓଡିଶା ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଓଡିଶା ରାଜ୍ୟ ରେ ପ୍ରତ୍ୟେକ ଗ୍ରାମାଞ୍ଚଳ ରେ ବିକାଶ କରିବାକୁ ନେଇଥିବା ନିଷ୍ପତି କୁ ସାର୍ବଜନୀନ ମାଧ୍ୟମ ରେ କାର୍ଯ୍ୟକାରୀ କରିବା ପାଇଁ ଏବେ ଆଗୋଭର ହୋଇଛନ୍ତି, ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ଲୋକ ଙ୍କ ସ୍ୱାର୍ଥ ସହିତ ଜଡିତ ହେବ ଆଉ ତୃଣମୂଳ ସ୍ତରରେ ପ୍ରତ୍ୟେକ ବ୍ୟକ୍ତି ଙ୍କ ହିତସାଧନା କରିବ ବୋଲି ଲକ୍ଷ ରଖାଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଆରତୀ ନାୟକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ଶ୍ରୀଯୁକ୍ତ ତୁଷାର କାନ୍ତି ବେହେରା, ଅନ୍ୟ ମାନଙ୍କ ଭିତରେ ଅସ୍ତରଙ୍ଗ ବ୍ଲକ ଉପାଧକ୍ଷ ଶ୍ରୀଯୁକ୍ତ ଦୁର୍ଜ୍ଜୟ ମିଶ୍ର, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ୧ ନମ୍ବର ଜୋନ ଜିଲ୍ଲାପରିଷଦ ଶ୍ରୀମତୀ ସରସ୍ୱତୀ ସ୍ୱାଇଁ ଓ ବ୍ଲକ ଅନ୍ୟ ବିଭାଗ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଏହି ସ୍ୱତନ୍ତ୍ର ପ□ାୟତ ସମିତି ବୈଠକ ରେ ଅସ୍ତରଙ୍ଗ ବ୍ଲକ ୧୫ ଗୋଟି ପଞ୍ଚାୟତ ର ସରପ□, ସମିତିସଭ୍ୟ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ରେ ଭାଗ ନେଇଛନ୍ତି। ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସରକାର ଙ୍କ ନୂତନ ବିକାଶ ମୂଳକ କାର୍ଯ୍ୟ ବିକଶିତ ଗାଁ ବିକଶିତ ଓଡିଶା ଗଠନ କରିବାରେ ସମସ୍ତେ ନିଜ ନିଜ ସହଯୋଗୀତା କୁ ପ୍ରତିପାଦନ କରିବେ ବୋଲି ନିଜ ନିଜ ଆଶା ପ୍ରକଟ କରିବା ସହ ନୂତନ ସରକାର ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଐତିହାସିକ ଈଶ୍ୱରନାଥ ଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ

କାକଟପୁର(ମହାଭାରତ) :ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଜିଉନ୍ତି ଗ୍ରାମ ର ଆରାଧ୍ୟ ଦେବତା ପ୍ରଭୁ ଈଶ୍ୱରନାଥ, ଏହି ମନ୍ଦିର ଏକ ଐତିହାସିକ ମନ୍ଦିର ଆଉ ଏହି ମନ୍ଦିର ବିଷୟରେ ପ୍ରାଚୀ ମାହାତ୍ମ୍ୟ, ଓଡିଶା ପ୍ରାଚୀନ ଇତିହାସ ରେ ବର୍ଣ୍ଣିତ କରାଯାଇଛି। ଏହି ଶିବ ମନ୍ଦିର ଭାରତୀୟ ପ୍ରତ୍ନତତ୍ତ୍ୱବି□ ଙ୍କ ତତ୍ତ୍ୱାବଧାନ ରେ ରହିଥିବା ବେଳେ ଏହି ସ୍ଥାନରେ ବର୍ଷକ ବାର ମାସ ରେ ୧୩ ପର୍ବ ଅନୁଷ୍ଠିତ ହେଇଆସୁଛି। ଏହି କାର୍ଯ୍ୟକ୍ରମ ଭିତରେ ଜାଗର ଆଉ ଯାହାକୁ ନେଇ ଆଜିଠୁ ଠାକୁର ଙ୍କ ନିକଟରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଚଳିତ ଜାଗର ଯାତ୍ରା ଅବସରରେ ମନ୍ଦିର ପରିସର ରେ ୩୪ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହା ଚାରି ଦିନ ଧରି ଏହି ଉତ୍ସବ ଚାଲିବା ସହ ମହାଶିବ ରାତ୍ରୀ ବା ଜାଗର ଯାତ୍ରା ଦିନ ଶେଷ ହେବ। ରବିବାର ଦିନ ଶିଳା ସଂସ୍କାର, ଜଳ ଆହରଣ, ଅଙ୍କୁରାରୋପଣ, ଶୁଭାଧିବାସ କର୍ମ କରା ଯାଇଥିବାବେଳେ ସୋମବାର ରୁଦ୍ରାଭିଷେକ, ସପ୍ତସତୀ ଚଣ୍ଡୀପାଠ କରାଯାଇ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଜିଉନ୍ତି ଗ୍ରାମ ର ଗୋପବନ୍ଧୁ ଯୁବ ସାମାଜିକ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ର ପରିଚାଳନା କରାଯାଉ ଥିବାବେଳେ ଚଳିତ ବର୍ଷ କର୍ତ୍ତା ଭାବେ ଦେବେନ୍ଦ୍ର ଦାଶ ଓ କର୍ତ୍ତୀ ଭାବେ ମଞ୍ଜୁଲତା ଦାଶ କାର୍ଯ୍ୟ କରୁଛନ୍ତି। ପଣ୍ଡିତ ଅମୂଲ୍ୟ କୁମାର କର ଙ୍କ ପୌରହିତ୍ୟ ଦ୍ୱାରା ସମସ୍ତ ପୂଜା ନୀତି ଓ ଯଜ୍ଞ କାର୍ଯ୍ୟ କରା ଯାଉଥିବାବେଳେ,ସମସ୍ତ ଗ୍ରାମବାସୀ ସାହାଯ୍ୟ ସହଯୋଗ ଆଉ ପ୍ରଭୁ ଙ୍କ ସେବା ରେ ଶ୍ରମ ପ୍ରଦାନ କରିଛନ୍ତି ।ଜାଗର ଯାତ୍ରା ପାଇଁ ଜିଉନ୍ତି ଗ୍ରାମ ଓ ପ୍ରଭୁ ଈଶ୍ୱରନାଥ ଙ୍କ ପୀଠ ଉତ୍ସବ ମୁଖର ହୋଇପଡ଼ିଛି।

# ତମାଖୁମୁକ୍ତ ସ୍ୱପ୍ନ ନୂଆପଡ଼ା ଜିଲ୍ଲାରେରେ ଧୂଳିସାତ

## ବେଧଡ଼କ ଭାବେ ଚାଲିଛି ଭାଙ୍ଗ କାରବାର, ନୀରବ ହୋଇ ବସିଛି ଅବକାରୀ ଓ ପୋଲିସ ପ୍ରଶାସନ




ଖଡ଼ିଆଳ(ମହାଭାରତ)ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସରକାର ନିଶାଦ୍ରବ୍ୟ ତଥା ଗୁଟୁଖା, ଭାଙ୍ଗ (ଖଇନି) ଇତ୍ୟାଦି ବିକ୍ରି ନେଇ କଟକଣା ଜାରି କରି ଛନ୍ତି। ଏନେଇ ଓଡ଼ିଶା ସରକାରଙ୍କ ଅବକାରୀ ବିଭାଗ ତରଫରୁ ପତ୍ର ସଂଖ୍ୟା ୪୩୩୯/ ୧୨.୦୮. ୨୦୨୪ ତାରିଖରେ ଓଡ଼ିଶା ଅବକାରୀ ଆକ୍ଟ ୨୦୦୮(ଓଡ଼ିଶା ଆକ୍ଟ ୧୦ ର ୨୦୧୩) ର ଧାରା ୨( ଟି )ଅନୁଯାୟୀ ଭାଙ୍ଗ ( ଖଇନି ) କୁ ମାଦକ ଦ୍ରବ୍ୟ ରୂପେ ଘୋଷଣା କରିବା ସହ ବିଭିନ୍ନ କଟକଣା ଜାରି କରିଛନ୍ତି । ଲୋକମାନେ ଏହି ସବୁ ନିଶାରୁ କିପରି ଦୂରେଇ ରହିବେ ସେନେଇ ବିଭିନ୍ନ ସମୟରେ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଗାଁ ଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ହାତକୁ ନିଆଯାଉଛି। ଏହା ସ□ ମଧ୍ୟ ଏହି କାରବାରକୁ ପ୍ରଶାସନ ତରଫରୁ ରୋକାଯାଇ ପାରୁନାହିଁ । ଫଳରେ ଦିନକୁ ଦିନ ଲୋକମାନେ ନିଶାଗ୍ରସ୍ତ ହୋଇ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି ଓ ଏହି ଭାଙ୍ଗ ବା ଖାଇନି ନୂଆପଡ଼ା ଜିଲ୍ଲାର ନୂଆପଡ଼ା, ଖରିଆର ରୋଡ଼, କୋମନା, ଖଡ଼ିଆଳ, ବୋଡ୍ରେନ ଓ ସିନାପାଲି ସହରର ବିଭିନ୍ନ ଗାଁ ଗୁଡିକର ଛୋଟ ରୁ ବଡ଼ ଦୋକାନ ମାନଙ୍କରେ ବିକ୍ରି ହେଉଥିବା ସହ ଆଖପାଖ ଅଞ୍ଚଳରେ ଏବେ ଭାଙ୍ଗ (ଖଇନି) କାରବାର ବୃଦ୍ଧି ପାଇବାରେ ଲାଗିଛି । ଏଥିପ୍ରତି ପ୍ରଶାସନର ଲଗାମ ନ ଥିବାରୁ ଏହା ବେଧଡ଼କ ଭାବେ ଚାଲିଛି । ନୂଆପଡ଼ା ଜିଲ୍ଲାର ବିଭିନ୍ନ ସହର ତଥା ଗ୍ରାମାଞ୍ଚଳ ଅଞ୍ଚଳରେ ଏବେ ବିଭିନ୍ନ ବ୍ରାଣ୍ଡ ଭାଙ୍ଗ (ଖଇନି) ବିଭିନ୍ନ ଛୋଟ ବଡ଼ ଦୋକାନ ମାନଙ୍କରେ ଜୋରସୋରରେ ବିକ୍ରି ହେଉଛି । ଏହାକୁ ନୂଆପଡ଼ା ଜିଲ୍ଲାର କେତେକ ବ୍ୟବସାୟୀ ବ୍ୟକ୍ତି ନିଜ ଗୋଦାମ ରେ ଗଛିତ କରି ଜିଲ୍ଲାର ବିଭିନ୍ନ ଅ□ଳ କୁ ବିଭିନ୍ନ ଗାଡ଼ି ଯୋଗେ ପ୍ରେରଣ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଯଦିଓ ସରକାରୀ ନିୟମାନୁସାରେ ବା କେନ୍ଦ୍ରୀୟ ଅବକାରୀ ବିଭାଗର ତ□ାବଧାନରେ ଏହାକୁ ତିଆରି କରିବା ପାଇଁ ଅନୁମତି ମିଳିଛି, ତଥାପି ସଂପୃକ୍ତ କାରଖାନା ମାଲିକମାନେ ଏବେ ନିୟମ ଉଲଂଘନ କରି ବେଧଡ଼କ ଭାବେ ଭାଙ୍ଗ ତିଆରି କରୁଥିବା ଜଣାପଡିଛି ଓ ଭାଙ୍ଗ ତିଆରି ପାଇଁ କେଉଁ କେଉଁ ସାମଗ୍ରୀ ବା ପଦାର୍ଥ ମିଶ୍ରଣ କରାଯାଉଛି ତାହା ପ୍ୟାକେଟରେ ଦର୍ଶାଯାଉ ନାହିଁ କି ତିଆରି କରାଯାଇଥିବା ତାରିଖ ଓ ଏହାର ଅବଧି ସମୟ ମଧ୍ୟ ଉଲ୍ଲେଖ ରହୁନାହିଁ । ଏହା ଛଡ଼ା ଭାଙ୍ଗ ପକେଟର ମୂଲ୍ୟ ମଧ୍ୟ ପକେଟରେ ଉଲ୍ଲେଖ କରାଯାଉନାହିଁ । ଫଳରେ ଭାଙ୍ଗ ତିଆରିକୁ ନେଇଁ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ଜିଲାର ପ୍ରାୟ ଅଧିକାଂଶ ଲୋକ ଛୋଟ ପିଲାଠୁ ଆରମ୍ଭ କରି ବୁଢା ଲୋକ ପର୍ଯ୍ୟନ୍ତ ଭାଙ୍ଗ (ଖଇନି) ସେବନ କରୁଛନ୍ତି । ଯାହା ଫଳରେ ଅତିକଡ଼ା ରାସାୟନିକ ପଦାର୍ଥରେ ତିଆରି ଖଇନି ସେବନ କରି ବହୁଲୋକ ମୁଖ କର୍କଟ ରୋଗ ରେ ଆକ୍ରାନ୍ତ ହେଉଛନ୍ତି ଓ ଏହି ନିଶା ଦ୍ରବ୍ୟକୁ ଥରେ ସେବନ କଲେ ଏହା ବାରମ୍ବାର ସେବନ କରିବାକୁ ଇଚ୍ଛାହୁଏ ବୋଲି ଲୋକେ କହନ୍ତି । ଲୋକେ ଏହାକୁ ସେବନ କରି ରୋଗର ଶିକାର ହେଉଥିବା ବେଳେ ବର୍ତମାନ ଛୋଟ ସ୍କୁଲ ପଢ଼ି ଯାଉଥିବା ପିଲାମାନେ ମଧ୍ୟ ଏହାକୁ ଖାଉଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ, ସରକାରୀ ଭାବେ ମାଲିକମାନେ ଭାଙ୍ଗ ତିଆରି ପାଇଁ ଗୋଟିଏ ମେସିନ ସ୍ଥାପନ କରିଥିବା ଦର୍ଶାଇ ରାଜସ୍ୱ ପୈଠ କରୁ ଥିବା ବେଳେ ବେସରକାରୀ ଭାବେ ପ୍ରାୟ ୧୦/ ୧୫ ଗୋଟି ମେସିନ ବସାଇ କୋଟି କୋଟି ଟଙ୍କାର ରାଜସ୍ୱ ଫାଙ୍କି ଚାଲିଥିବା ଜଣାପଡିଛି । ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥାକୁ ଆଖି ଆଗରେ ରଖି ଜନବସତି ଦୂରରେ ଭାଙ୍ଗ କାରଖାନା ସ୍ଥାପନ କରିବାକୁ ନିୟମ ରହିଛି ଓ ଏପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ନ ପଡିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରତିଦିନ ଏହି ସବୁ କାରଖାନରୁ ଜିଲ୍ଲା ତଥା ଜିଲା ବାହାରକୁ ଭାଙ୍ଗ ଚୋରା ଚାଲାଣ ହେଉଥୁବା ଜଣାପଡିଛି ।ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବା ସହ ବେଆଇନ ଭାଙ୍ଗ (ଖଇନି) କାରଖାନା ଉପରେ ଚଢ଼ଉ କରି ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ୫ ମାସ ପରେ ହେଜବୁଲ୍ଲା ନେତା ହାସନ ନସରଲ୍ଲାହଙ୍କୁ କବର

**ବେରୁଟ,୨୪।୨:** ଲେବାନନର ରାଜଧାନୀ ବେରୁଟ୍‌ରେ ଇସ୍ରାଏଲୀ ବିମାନ ଆକ୍ରମଣରେ ନିହତ ପୂର୍ବତନ ହେଜବୁଲ୍ଲା ନେତା ହାସନ ନସରଲ୍ଲାହଙ୍କ ମୃତ୍ୟୁର ପାଞ୍ଚ ମାସ ପରେ ରବିବାର ତାଙ୍କୁ କବର ଦିଆଯାଇଛି।ଏହି ଅବସରରେ ବେରୁଟ୍‌ରେ ହଜାର ହଜାର ଲୋକ ଏକାଠି ହୋଇଥିଲେ ଇସ୍ରାଏଲୀ ବାୟୁସେନା ଆତଙ୍କବାଦୀ ସଂଗଠନର ମୁଖ୍ୟ ଅପରେସନ୍ ସେଣ୍ଟର ଉପରେ ୮୦ ରୁ ଅଧିକ ବୋମା ପକାଇଥିଲା, ଯେଉଁଥିରେ ନସରଲ୍ଲାଙ୍କର ମୃତ୍ୟୁ ହୋଇଥିଲା ତାଙ୍କ ମୃତ୍ୟୁ ଇରାନ ସମର୍ଥିତ ହେଜବୁଲ୍ଲା ପାଇଁ ଏକ ବଡ଼ ଆଘାତ ଥିଲା।

ହେଜବୁଲ୍ଲାର ନେତା ନସରଲ୍ଲାହ,୩୦ ବର୍ଷରୁ ଅଧିକ ସମୟ ଧରି ସଂଗଠନର ନେତୃତ୍ୱ ନେଇଥିଲେ ଏବଂ ଏହାର ପ୍ରତିଷ୍ଠାତାମାନଙ୍କ ମଧ୍ୟରୁ ଜଣେ ଥିଲେ ତାଙ୍କର ଏହି ଅଞ୍ଚଳରେ ଇରାନ-ସମର୍ଥିତ ଗୋଷ୍ଠୀମାନଙ୍କ ମଧ୍ୟରେ ଗଭୀର ପ୍ରଭାବ ଥିଲା ।ଲେବାନନ୍ ରାଜଧାନୀର ମୁଖ୍ୟ କ୍ରୀଡ଼ା ଷ୍ଟାଡିୟମରେ ତାଙ୍କ ଅନ୍ତିମ ସଂସ୍କାରରେ ଇରାନର ସଂସଦ ବାଚସ୍ପତି ମହମ୍ମଦ ବାଘେର କାଲିବାଫ ଏବଂ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚିଙ୍କ ସମେତ ଆଞ୍ଚଳିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ।



ହେଜବୁଲ୍ଲାର ବରିଷ୍ଠ ଅଧିକାରୀ ଅଲି ଦାମୌସ ଶନିବାର ସାମ୍ବାଦିକମାନଙ୍କୁ କହିଥିଲେ ଯେ, ୬୫ଟି ଦେଶର ପ୍ରାୟ ୮୦୦ ପ୍ରମୁଖ ବ୍ୟକ୍ତି ଅନ୍ତିମ ସଂସ୍କାରରେ ଯୋଗଦେବେ। ଏହା ବ୍ୟତୀତ, ସାରା ବିଶ୍ୱରୁ ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ଇସ୍ରାଏଲକୁ ଉଲ୍ଲେଖ କରି ଦାମେସ କହିଛନ୍ତି ଯେ ପ୍ରତ୍ୟେକ ଘର, ଗାଁ ଏବଂ ସହରର ଲୋକମାନେ ଏକତ୍ରିତ ହୋଇ ଏହି ବାର୍ତ୍ତା ଦେବା ଉଚିତ ଯେ, ସଂଘର୍ଷ ଜାରି ରହିବ ଏବଂ ସେମାନେ କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରସ୍ତୁତ। ହେଜବୁଲ୍ଲା ନେତା ହାସନ ନସରଲ୍ଲାହଙ୍କୁ ବେରୁଟ୍‌ରେ କବର ଦିଆଯାଇଛି ଯେତେବେଳେ ଇସ୍ରାଏଲୀ ବିମାନ ଆକ୍ରମଣରେ ପ୍ରାଣ ହରାଇଥିବା ତାଙ୍କ ସମ୍ପର୍କୀୟ ଏବଂ ଉତ୍ତରାଧିକାରୀ ହାସେମ ସାଫିଦିନଙ୍କୁ ଦକ୍ଷିଣ ଲେବାନନରେ ତାଙ୍କ ଜନ୍ମସ୍ଥାନରେ କବର ଦିଆଯାଇଛି । ପ୍ରାରମ୍ଭରେ, ସୁରକ୍ଷା କାରଣରୁ ଉଭୟଙ୍କୁ ଅସ୍ଥାୟୀ ଭାବରେ ଗୁପ୍ତ ସ୍ଥାନରେ କବର ଦିଆଯାଇଥିଲା ହେଜବୁଲ୍ଲା ଏହି ମାସର ଆରମ୍ଭରେ ତାଙ୍କର ସରକାରୀ ଅନ୍ତିମ ସଂସ୍କାର ପାଇଁ ଯୋଜନା ଘୋଷଣା କରିଥିଲା।

ଏକ ଟେଲିଭିଜନ ଭାଷଣରେ କାସେମ କହିଥିଲେ ଯେ, ହେଜବୁଲ୍ଲା ଏବଂ ଇସ୍ରାଏଲ ମଧ୍ୟରେ ଦୁଇ ମାସ ଧରି ଚାଲିଥିବା ଭୟଙ୍କର ଯୁଦ୍ଧ ସମୟରେ ସୁରକ୍ଷା କାରଣରୁ ଅନ୍ତିମ ସଂସ୍କାର ହୋଇପାରି ନଥିଲା ଏହି ଯୁଦ୍ଧ ୨୭ ନଭେମ୍ବରରେ ଶେଷ ହୋଇଥିଲା ଏବେ ହେଜବୁଲ୍ଲା ତାଙ୍କର ଫେବ୍ରୁଆରି ୨୩ ତାରିଖରେ ଅନ୍ତିମ ସଂସ୍କାର କରିଛି।ହେଜବୁଲ୍ଲା ନେତା ନସରଲ୍ଲାହଙ୍କୁ ବୈରୁଟର ଉପକଣ୍ଠରେ ପୁରୁଣା ଏବଂ ନୂତନ ବିମାନବନ୍ଦର ରାସ୍ତା ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କବର ଦିଆଯିବ ସାଫିଦ୍ଦାଇନଙ୍କୁ ଦକ୍ଷିଣ ଲେବାନନ୍‌ର ତାଙ୍କ ଜନ୍ମଭୂମି ଡେର କାନୁନରେ କବର ଦିଆଯାଇଛି କାସିମ ସମର୍ଥକମାନଙ୍କୁ ଅନ୍ତିମ ସଂସ୍କାର ସମୟରେ ଆକାଶରେ ଗୁଳି ନ ଫୁଟାଇବାକୁ ନିବେଦନ କରିଥିଲେ।

# ପଞ୍ଜାବରେ ଭୁଶୁଡ଼ିବ ଆପ୍ ସରକାର

**ନୂଆଦିଲ୍ଲୀ,୨୪।୨(ଏଜେନ୍ସି):** ଦିଲ୍ଲୀରେ ହାରିବା ପରେ ଅରବିନ୍ଦ କେଜ୍ରିୱାଲଙ୍କ ଆପର ଶେଷ ଓ ଏକମାତ୍ର ଗଡ଼ ହେଉଛି ପଞ୍ଜାବ । କିନ୍ତୁ ପଞ୍ଜାବରେ କ୍ଷମତାସୀନ ଆପରେ କିଛି ବି ଠିକ ଚାଲି ନାହିଁ । ଆପର ଅନେକ ବିଧାୟକ ଉଭୟ କଂଗ୍ରେସ ଓ ବିଜେପି ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି । ଯଦି ଏହି ଚର୍ଚ୍ଚାରେ ସତ୍ୟତା ଥାଏ, ତା'ହେଲେ ପଞ୍ଜାବରେ ଆପ୍ ସରକାର ଭୁଶୁଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି । ଦିଲ୍ଲୀରେ ଆପ୍ ହାରିବା ପରେ ସମସ୍ତଙ୍କ ଫୋକସ ପଞ୍ଜାବ ଉପରକୁ ଯାଇଥିଲା । ପୂର୍ବରୁ ପଞ୍ଜାବର ଆପ୍ ସରକାର ଦିଲ୍ଲୀ ରିମୋଟରୁ ପରିଚାଳିତ ହେଉଥିବା କୁହାଯାଉଥିଲା । ଦିଲ୍ଲୀରେ ଅରବିନ୍ଦ କେଜ୍ରିୱାଲ ଆଣ୍ଡ କୋ ହାରି ଯିବାରୁ ସେମାନେ ପଞ୍ଜାବର କାର୍ଯ୍ୟକଳାପ ଉପରେ ଅଧିକ ହସ୍ତକ୍ଷେପ କରିବେ ବୋଲି ଆପର କିଛି ବିଧାୟକ ଅନୁଭବ କରୁଛନ୍ତି । ସେହିପରି କେଜ୍ରିୱାଲ ଦିଲ୍ଲୀରେ ହାରିଥିବାରୁ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବାକୁ ମଧ ପ୍ରୟାସ କରିପାରନ୍ତି ବୋଲି କୁହାଯାଉଛି । ଏହାକୁ ଦଳର ଅଧିକାଂଶ ପଞ୍ଜାବ ନେତା ଗ୍ରହଣ କରିପାରୁ ନାହାନ୍ତି । ତେଣୁ ସେମାନେ ଆପ୍ ଛାଡ଼ିବା ଉପରେ ବିଚାର କରୁଥିବା ରିପୋର୍ଟ ପ୍ରକାଶ



ପାଇଛି । ଅବଶ୍ୟ ଆପ୍ ଏହାକୁ ଭିତ୍ତିହୀନ ଓ ଅମୂଳ କହିବା ସହ ପ୍ରସଙ୍ଗକୁ ଗୁରୁତ୍ୱ ଦେଉ ନାହିଁ । କିନ୍ତୁ ଏସବୁ ଭିତରେ ପଞ୍ଜାବର ବିରୋଧୀ ଦଳ ନେତା ତଥା କଂଗ୍ରେସର ପ୍ରତାପ ସିଂହ ବାଜୱା ସମସ୍ତଙ୍କୁ ଚକିତ କରିବା ଭଳି ଦାବି କରିଛନ୍ତି । ତାଙ୍କ କହିବା କଥା ଯେ ଶାସକ ଆପର ୩୨ରୁ ଅଧିକ ବିଧାୟକ ତାଙ୍କ ଯୋଗାଯୋଗରେ ରହିଛନ୍ତି । ସେହିପରି ଆଉ କିଛି ବିଧାୟକ ବିଜେପି ଯୋଗାଯୋଗରେ ମଧ ରହିଥାଇ ପାରନ୍ତି । ତେଣୁ ଭଗବନ୍ତ ସିଂହ ମାନଙ୍କ ସରକାର ଭୁଶୁଡ଼ିବା ଦିଗରେ ଯାଉଥିବା ପ୍ରତାପ ସିଂହ ବାଜୱା ସଙ୍କେତ ଦେଇଛନ୍ତି । ତେବେ ସେ କହିଛନ୍ତି ଯେ ଯଦି ସରକାର ଭାଙ୍ଗି ଯାଏ, ତା'ହେଲେ ଏଥିପାଇଁ କଂଗ୍ରେସ ଦାୟୀ ରହିବ ନାହିଁ । ଏଥିପାଇଁ ବିଜେପି ଦାୟୀ ରହିବ ବୋଲି ମଧ ପ୍ରତାପ କହିଛନ୍ତି । ସେ କହିଛନ୍ତି, କେବଳ ବିଧାୟକ ନୁହନ୍ତି, ବରଂ ମନ୍ତ୍ରୀ ଓ ବରିଷ୍ଠ ନେତାମାନେ ଯୋଗାଯୋଗରେ ରହିଛନ୍ତି । କିନ୍ତୁ ଆମେ ଏଠାରେ ସ୍ପଷ୍ଟ କରିଦେବାକୁ ଚାହୁଁଛୁ ଯେ କଂଗ୍ରେସ କୌଣସି ବି ପରିସ୍ଥିତିରେ ସରକାରଙ୍କୁ ଅସ୍ଥିର କରିବ ନାହିଁ । ବିଜେପି ହିଁ ଏପରି କରିବ । କଂଗ୍ରେସ ଚାହୁଁଛି ଯେ ଆପ୍ ସରକାର ପୂରା ୫ ବର୍ଷ କାମ କରୁ । ଏହାଦ୍ୱାରା ଲୋକମାନେ ଜାଣିପାରିବେ ଯେ ସେମାନେ କେଉଁ ଧରଣର ସରକାରକୁ ଭୋଟ ଦେଇଥିଲେ । କଂଗ୍ରେସ ନେତା ପ୍ରତାପ ଦାବି କରିଛନ୍ତି ଯେ ଆପ ଶାସନ ବେଳେ ହାୱାଲା ଚ୍ୟାନେଲ ଦ୍ୱାରା ପଞ୍ଜାବରୁ କୋଟି କୋଟି ଟଙ୍କା ଅଷ୍ଟ୍ରେଲିଆ ଓ ଅନ୍ୟ ରାଜ୍ୟଗୁଡ଼ିକୁ ଯାଉଛି । ମଦ ଓ ଜମି କିସମ ପରିବର୍ତ୍ତନ ଯୋଗୁ ଏପରି ଟଙ୍କା ଆସିଥିଲା । ଏହି ଟଙ୍କାଗୁଡ଼ିକୁ ଅନ୍ୟତ୍ର ପଠା ଯାଉଥିବାରୁ ଆପର ନେତାମାନେ ଦଳୀୟ ନେତୃବୃନ୍ଦଙ୍କ ଉପରେ ଖପ୍ପା ହୋଇଛନ୍ତି । ଆପର ଦିଲ୍ଲୀ ମଡେଲ ହେଉଛି କେବଳ ଲୁଟ କରିବା ପାଇଁ ବୋଲି ସେ କହିଛନ୍ତି । ପ୍ରତାପ ସିଂହ ବାଜୱାଙ୍କ ଦାବିକୁ ଜୋରଦାର ଢଙ୍ଗରେ ଖଣ୍ଡନ କରିଛି ଆପ୍ । ଦଳର ନେତା ନୀଲ ଗର୍ଗ କହିଛନ୍ତି, ପ୍ରତାପ ବାଜୱା ବିଜେପିରୁ ତାଙ୍କୁ ଟିକେଟ ପାଇ ସାରିଛନ୍ତି । ସେ ବେଙ୍ଗାଲୁରୁ ଯାଇ ସେଠାରେ ବରିଷ୍ଠ ବିଜେପି ନେତାଙ୍କୁ ଭେଟିଥିଲେ । ରାହୁଲ ଗାନ୍ଧି ଏବେ ପ୍ରତାପ ବାଜୱାଙ୍କ ଉପରେ ନଜର ରଖିବା ଦରକାର । ଅନ୍ୟପକ୍ଷରେ ପଞ୍ଜାବର ଆପ୍ ସରକାର ହଠାତ ଏବେ ଆକ୍ସନ ମୋଡକୁ ଚାଲି ଆସିଛି । ନିର୍ବାଚନ ପ୍ରତିଶ୍ରୁତି ମୁତାବକ ଆପ୍ ସରକାର ରାଜ୍ୟର ୫୨ ଜଣ ଦୁର୍ନୀତିଗ୍ରସ୍ତ ପୁଲିସ୍ କର୍ମଚାରୀଙ୍କୁ ବହିଷ୍କାର କରିଛନ୍ତି । ଏହା ମଧ କନଷ୍ଟେବଲଙ୍କ ଠାରୁ ଇନସପେକ୍ଟର ରହିଛନ୍ତି ।

# ସରକାରଙ୍କ 'ଟାଙ୍ଗା'କୁ ନିୟନ୍ତ୍ରଣରେ ରଖ

## ସିନ୍ଦେଙ୍କୁ ପରାମର୍ଶ ଦେଲେ ଶାହ

**ପୁଣେ,୨୪।୨:** ସମ୍ପ୍ରତି ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସରକାରଙ୍କ ଟାଙ୍ଗାକୁ ଓଲଟାଇବା ପାଇଁ ବାରମ୍ବାର ଚରମବାଣୀ ଦେଉଛନ୍ତି ।ଏହି ବିବୃତି ଏପରି ଏକ ସମୟରେ ଦିଆଯାଇଛି ।ଯେତେବେଳେ ସିନ୍ଦେ ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସଙ୍କ ମଧ୍ୟରେ ଶୀତଳ ଯୁଦ୍ଧର ଆଲୋଚନା ଜୋର ଧରିଛି ।ଏହି ସମୟରେ, ସିନ୍ଦେ ଶନିବାର ଅପରାହ୍ନ ୪ଟାରେ ପୁଣେରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ ।ସୂତ୍ର ଅନୁସାରେ, ଏହି ବୈଠକ ପୁଣେର ଷ୍ଟେ ଇନ୍ ହୋଟେଲରେ ହୋଇଥିଲା।

ଶନିବାର ଦିନ ପୁଣେରେ ଅମିତ ଶାହଙ୍କର ଅନେକ କାର୍ଯ୍ୟକ୍ରମ ଥିଲା ଏଥିରେ ଅଂଶଗ୍ରହଣ କରିବା ପାଇଁ ସେ ଶୁକ୍ରବାର ବିଳମ୍ବିତ ରାତିରେ ସେଠାରେ ପହଞ୍ଚିଥିଲେ। ଏହି ବୈଠକକୁ ନେଇ ଅନେକ ପ୍ରକାରର ଆଲୋଚନା ଚାଲିଛି। କୁହାଯାଉଛି ଯେ, ଯେପରି ନାଗପୁରରେ ସିନ୍ଦେ ଖୋଲାଖୋଲି ଭାବରେ କହିଥିଲେ ଯେ, କେହି ତାଙ୍କୁ ହାଲୁକା ଭାବରେ ନେବାକୁ ଚେଷ୍ଟା କରନ୍ତୁ ନାହିଁ, ନଚେତ ସେ ସରକାରଙ୍କ ଟାଙ୍ଗାକୁ ଓଲଟାଇ ଦେବେ। ଉପମୁଖ୍ୟମନ୍ତ୍ରୀ ସିନ୍ଦେଙ୍କୁ ମହାୟୁତିର ଗାଡିକୁ ନିୟନ୍ତ୍ରଣରେ ରଖିବାକୁ



ପରାମର୍ଶ ଦିଆଯାଇଛି ।ଏହି ଦୃଷ୍ଟିରୁ, ଶାହ ଏବଂ ସିନ୍ଦେଙ୍କ ସାକ୍ଷାତକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି।

ଫଡନବୀସ ମନ୍ତ୍ରୀମାନଙ୍କ ଉପରେ ଲଗାମ କଡ଼ାକଡ଼ି କରିଛନ୍ତି ସୂତ୍ର ଅନୁସାରେ, ମହାଗଠବନ୍ଧନରେ କ୍ଷୁବ୍ଧ ଥିବା ସିନ୍ଦେ କେନ୍ଦ୍ରମନ୍ତ୍ରୀ ଶାହଙ୍କ ନିକଟରେ ନିଜର ଯନ୍ତ୍ରଣା ପ୍ରକାଶ କରିଥିଲେ ସୂଚନା ଅଛି ଯେ, ଫଡନବୀସ ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିବା ପରେ ଅନେକ ଜିନିଷ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆରମ୍ଭ କରିଛନ୍ତି।

ସିନ୍ଦେଙ୍କ କାର୍ଯ୍ୟକାଳ ମଧ୍ୟରେ ଟେଣ୍ଡର ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତି ବ୍ୟତୀତ, ଏଥିରେ ବିଧାୟକମାନଙ୍କ ସୁରକ୍ଷା ହ୍ରାସ କରିବା ଏବଂ ତାଙ୍କ ନେତାମାନଙ୍କୁ ଅଭିଭାବକ ମନ୍ତ୍ରୀ ପଦବୀରେ ନିଯୁକ୍ତି ଦେବା ନିଷ୍ପତ୍ତି ମଧ ଅନ୍ତର୍ଭୁକ୍ତ ଏହା ବ୍ୟତୀତ, ମନ୍ତ୍ରଣାଳୟକୁ ଆସୁଥିବା ଏବଂ ଯାଉଥିବା ଲୋକଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଫେସ୍ ଡିଟେକ୍‌ସନ ମେସିନ୍ ମଧ ଲଗାଯାଇଛି ଏସବୁ କାରଣ ପାଇଁ ସିନ୍ଦେ ଅସନ୍ତୋଷଥିବା କୁହାଯାଉଛି ।ଶାହ ସିନ୍ଦେଙ୍କୁ ବୁଝାଇଥିଲେ ଯେ, ସେ ମୁଖ୍ୟମନ୍ତ୍ରୀ ଫଡନବୀସଙ୍କ ସହ ସମନ୍ୱୟ ରଖି କାମ କରିବା ଉଚିତ୍ ଏବଂ ବିବାଦୀୟ ମନ୍ତବ୍ୟ ଦେବାରୁ ଦୂରେଇ ରହିବା ଉଚିତ୍ ସେ ରାୟଗଡ଼ ଏବଂ ନାସିକର ଅଭିଭାବକ ମନ୍ତ୍ରୀ ପଦ ସମ୍ପର୍କରେ ଉପୁଜିଥିବା ବିବାଦର ସମାଧାନ କରିବାକୁ ମଧ ପ୍ରତିଶ୍ରୁତି ଦେଇଥିଲେ ସିନ୍ଦେ ଗୋଷ୍ଠୀ ରାୟଗଡ଼ ଏବଂ ନାସିକର ଅଭିଭାବକ ମନ୍ତ୍ରୀ ପଦ ବଜାୟ ରଖିବାକୁ ଚାହୁଁଛନ୍ତି। ପୂର୍ବରୁ ରାୟଗଡ଼ର ଅଭିଭାବକ ମନ୍ତ୍ରୀ ପଦ ପାଇଁ ଅଜିତ ଗୋଷ୍ଠୀର ଅଦିତି ତଟକରେଙ୍କ ନାମ ଏବଂ ନାସିକ୍ ପାଇଁ ବିଜେପିର ଗିରିଶ ମହାଜନଙ୍କ ନାମ ଚୂଡ଼ାନ୍ତ ହୋଇଥିଲା।

ମହାୟୁତି ସରକାରରେ ଡିସିଏମ୍ ସିନ୍ଦେ କ୍ଷୁବ୍ଧ ହେବା ଯୋଗୁ ବିଜେପିର ମୁଣ୍ଡବିନ୍ଧାର କାରଣ ହୋଇଛି। ନିକଟରେ, ଏନସିପି ଅଧକ୍ଷ ଶରଦ ପାୱାର ସିନ୍ଦେଙ୍କୁ ସମ୍ମାନିତ କରିଥିଲେ ଏହି କାରଣରୁ ବିଜେପି ମଧ ସତର୍କ ହୋଇଯାଇଛି। ସେମାନେ ଭାବୁଛନ୍ତି ଯେ, ଫଡନବୀସ ଏବଂ ସିନ୍ଦେଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧର ସୁଯୋଗ ନେଇ ପାୱାର ତାଙ୍କ କଫି ଗରମ କରିପାରନ୍ତି ଏହି କାରଣରୁ ଏବେ ଫଡନବୀସ ଏବଂ ସିନ୍ଦେଙ୍କ ମଧ୍ୟରେ ଥିବା ଶୀତଳ ଯୁଦ୍ଧକୁ ଶେଷ କରିବା ପାଇଁ ଶାହ ନିଜେ ଫ୍ରଣ୍ଟ୍ ଫୁଟ୍‌କୁ ଆସିଛନ୍ତି।

# ସୁଡଙ୍ଗରେ ଉଦ୍ଧାର ଅଭିଯାନ ଜାରି

**ନୂଆଦିଲ୍ଲୀ,୨୪।୨:** ତେଲେଙ୍ଗାନାର ନାଗରକୁରନୁଲ ଜିଲ୍ଲାର ଏସଏଲବିସି ଟନେଲ ପ୍ରକଳ୍ପର ଗୋଟିଏ ଭାଗ ଭୁଶୁଡିପଡିଛି । ଫଳରେ ୮ଜଣ ଶ୍ରମିକ ଫସିରହିଛନ୍ତି । ଶ୍ରମିକଙ୍କୁ ବାହାରକୁ କାଢିବା ପାଇଁ ରେସକ୍ୟୁ ଅପରେସନ ରବିବାର ବି ଜାରି ରହିଛି । ଏସଡିଆରଏଫ ଓ ଏନଡିଆରଏଫର ଟିମକୁ ସୁଡଙ୍ଗର ଭୁଶୁଡିପଡିଥିବା ଭାଗରେ ପହଂଚିବା ପାଇଁ ଅନେକ ଚ୍ୟାଲେଂଜର ସାମ୍ନା କରିବାକୁ ପଡୁଛି। ତେଲେଙ୍ଗାନାର ଜଳସେଚନ ମନ୍ତ୍ରୀ ଏନ.ଉତମ କୁମାର ରେଡ୍ଡୀଙ୍କ ମୁତାବକ ରାଜ୍ୟ ସରକାର ବିଶେଷଜ୍ଞଙ୍କ ସହାୟତା ନେଇଛନ୍ତି । ଗତବର୍ଷ ଉତରାଖଣ୍ଡରେ ଏଭଳି ଘଟଣାରେ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର କରିଥିବା ଲୋକ ବି ସାମିଲ ଅଛନ୍ତି । ଫସିରହିଥିବା ଲୋକଙ୍କ ମଧ୍ୟରେ ଦୁଇ ଇଂଜିନିୟର ଓ ଦୁଇଜଣ ଅପରେଟର ଅଛନ୍ତି । ଅନ୍ୟ ୪ଜଣ ଶ୍ରମିକ ବି ଅଛନ୍ତି । ଏମାନେ ସମସ୍ତେ ଉତର ପ୍ରଦେଶ, ଝାରଖଣ୍ଡ, ପଂଜାବ ଓ ଜମ୍ମୁକଶ୍ମୀରର ବାସିନ୍ଦା। ଘଟଣାର କିଛି ଘଂଟା ପରେ କାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ରେସକ୍ୟୁ କାର୍ଯ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂପୂର୍ଣ୍ଣ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ରାଷ୍ଟ୍ରୀୟ କ୍ରୀଡ଼ାରେ ଭାଗ ନେଇଥିବା ଖେଳାଳିଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୨୪।୨:** ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତରେ ରାଷ୍ଟ୍ରୀୟ କ୍ରୀଡାରେ ଭାଗ ନେଇଥିବା ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଆପଣଙ୍କ ମଧ୍ୟରୁ ଅନେକେ ଏମିତି ଥିବେ, ଯିଏ ଉତ୍ତରାଖଣ୍ଡରେ ହୋଇଥିବା ଜାତୀୟ କ୍ରୀଡ଼ାର ରୋମାଂଚକାରୀ ମୁହୂର୍ତ୍ତର ମଜା ଉଠାଇଥିବେ । ସାରା ଦେଶର ୧୧,୦୦୦ରୁ ଅଧିକ କ୍ରୀଡ଼ାବିତ୍ ଏଥିରେ ଖୁବ ସୁନ୍ଦର ପ୍ରଦର୍ଶନ କରିଥିଲେ । ଏହି ଆୟୋଜନ ଦେବଭୂମୀର ଏକ ନୂତନ ସ୍ୱରୂପ ଉପସ୍ଥାପିତ କଲା । ଉତ୍ତରାଖଣ୍ଡ ଏବେ ଦେଶରେ କ୍ରୀଡ଼ା କ୍ଷେତ୍ରରେ ଏକ ଅନନ୍ୟ ଶକ୍ତି ଭାବେ ସମ୍ମୁଖକୁ ଆସୁଛି । ଉତ୍ତରାଖଣ୍ଡର ଖେଳାଳୀମାନେ ମଧ ଖୁବ ଭଲ ପ୍ରଦର୍ଶନ କରିଛନ୍ତି । ଉତ୍ତରାଖଣ୍ଡ ଏଥର ସପ୍ତମ ସ୍ଥାନରେ ରହିଲା । ଏହା ହିଁ ତ କ୍ରୀଡ଼ାର ଶକ୍ତି, ଯାହା ଲୋକମାନଙ୍କୁ ଏବଂ ସାମୂହିକ ଭାବେ ସାରା ରାଜ୍ୟର କାୟାକଳ୍ପ ପରିବର୍ତ୍ତନ କରିଥାଏ । ଏହାଦ୍ୱାରା ଭବିଷ୍ୟତ ପିଢ଼ି ପ୍ରେରିତ ହେବା ସଙ୍ଗେ ସଙ୍ଗେ କଲଚର ଅଫ୍ ଏକ୍ସିଲେନ୍ସ ମଧ ବୃଦ୍ଧି ପାଇଥାଏ। ଆଜି ସମଗ୍ର ଦେଶରେ ଏସବୁ କ୍ରୀଡ଼ା ପ୍ରଦର୍ଶନ ସମ୍ପର୍କରେ ବହୁତ ଚର୍ଚ୍ଚା ଚାଲିଛି । ଏସବୁ କ୍ରୀଡ଼ା ମଧ୍ୟରେ ସବୁଠୁ ଅଧିକ ସ୍ୱର୍ଣ୍ଣପଦକ ଜିଣିଥିବା ସର୍ଭିସେସର ଦଳକୁ ମୋର ବହୁତ ବହୁତ ଅଭିନନ୍ଦନ । ରାଷ୍ଟ୍ରୀୟ କ୍ରୀଡ଼ାରେ ଭାଗ ନେଇଥିବା ପ୍ରତ୍ୟେକ ଖେଳାଳିଙ୍କୁ ମଧ ମୁଁ ପ୍ରଶଂସା କରୁଛି । ଆମର ବହୁତ ଖେଳାଳି 'ଖେଲୋ ଇଣ୍ଡିଆ' ଅଭିଯାନରୁ ବାହାରିଛନ୍ତି । ହିମାଚଳ ପ୍ରଦେଶର ସାୱନ ବରୱାଲ, ମହାରାଷ୍ଟ୍ରର କିରଣ ମାତ୍ରେ, ତେଜସ୍ ଶିର୍ସେ, ଆନ୍ଧ୍ରପ୍ରଦେଶର ଜ୍ୟୋତି ଯାରାଜୀ, ସମସ୍ତେ ଦେଶକୁ ନୂଆ ଆଶା ଦେଇଛନ୍ତି । ଉତ୍ତରପ୍ରଦେଶର ଜାଭଲିନ ଫିଙ୍ଗାଳି ସଚିନ୍ ଯାଦବ, ହରିୟାଣାର ହାଇଜମ୍ପର୍ ପୂଜା ଓ କର୍ଣ୍ଣାଟକର ସନ୍ତରଣକାରୀ ଧିନିଧି ଦେସିଂଘୁ ଦେଶବାସୀଙ୍କ ହୃଦୟ ଜିତିଛନ୍ତି । ଏମାନେ ତିନିଟି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି । ଏଥରର ରାଷ୍ଟ୍ରୀୟ କ୍ରୀଡ଼ାରେ କିଶୋର ବୟସର ଚାମ୍ପିଅନଙ୍କ ସଂଖ୍ୟା ବିସ୍ମୟକର । ୧୫ ବର୍ଷର ସୁଟର ଗେଭିନ ଏଂଟନି, ଯୁପିର ହ୍ୟାମର୍ ଥ୍ରୋ ଖେଳାଳି ୧୬ ବର୍ଷର ଅନୁଷ୍କା ଯାଦବ, ମଧ୍ୟପ୍ରଦେଶର ୧୯ ବର୍ଷର ପୋଲ୍‌ଭ୍ଲ୍ଟର ଦେବ କୁମାର ମୀନା ପ୍ରମାଣିତ କରିଛନ୍ତି ଯେ ଭାରତର କ୍ରୀଡ଼ା ଭବିଷ୍ୟତ ବହୁତ ପ୍ରତିଭାବାନ ପିଢ଼ି ହାତରେ ରହିଛି ।

# ବାରଣାସୀରେ ୫୦ ଦେଶର ରାଜଦୂତ

**ବାରାଣସୀ,୨୪।୨:** ବୈଦେଶିକ ମନ୍ତ୍ରୀ ଡଃ. ଏସ. ଜୟଶଙ୍କର ୫୦ ଦେଶର ଡେଲିଗେଟସଙ୍କ ସହିତ ରବିବାର ବାରାଣସୀରେ ପହଂଚିଥିଲେ । ବାବତପୁର ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଆନ୍ତର୍ଜାତିକ ବିମାନବନ୍ଦରରେ ବୈଦେଶିକ ମନ୍ତ୍ରୀ ଏବଂ ରାଜଦୂତମାନଙ୍କ ମଣ୍ଡଳାୟୁକ୍ତ କୌଶଳରାଜ ଶର୍ମା, ଜିଲ୍ଲା ଅଧିକାରୀ ଏସ. ରାଜଲିଙ୍ଗମ ସମେତ ଭାଜପାର ପଦାଧିକାରୀମାନେ ଏବଂ ଜନପ୍ରତିନିଧି ମାନେ ଏମାନଙ୍କୁ ସ୍ୱାଗତ କରିଥିଲେ । ବିମାନବନ୍ଦରରୁ କଡ଼ା ସୁରକ୍ଷା ମଧ୍ୟରେ



ବୈଦେଶିକ ମନ୍ତ୍ରୀ ଏବଂ ଡେଲିଗେଟସ୍ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚୟୁ) ପରିସର ସ୍ଥିତ ଓଁକାର ନାଥ ଠାକୁର ସଭାଗାରରେ ଆୟୋଜିତ କାଶୀ ତମିଲ ସଙ୍ଗମମର ତୃତୀୟ ସଂସ୍କରଣରେ ସାମିଲ୍ ହୋଇଥିଲେ । ସଭାଗାରରେ ବୈଦେଶିକ ମନ୍ତ୍ରୀ ଓ ରାଜଦୂତ ଆଇଆଇଟି ବିଏଚୟୁର ଛାତ୍ରମାନେ ଏବଂ ଶିକ୍ଷକ ମାନଙ୍କୁ ମଧ ସମ୍ବୋଧନ କରିବେ । ବୈଦେଶିକ ମନ୍ତ୍ରୀ, ରାଜଦୂତ ମାନଙ୍କ ସହିତ ଆଇଆଇଟି ବିଏଚୟୁ ସହିତ ପରିସରରେ ବିଭିନ୍ନ ପ୍ରତିଷ୍ଠାନଗୁଡିକ ଭ୍ରମଣ କରିବେ । ଏହାପରେ ସେ ଅତିଥି ମାନଙ୍କ ସହିତ ଐତିହାସିକ ସାରନାଥରେ ସଂଗ୍ରହାଳୟ, ବୌଦ୍ଧ ମନ୍ଦିର ଏବଂ ଉତଖନନ ସ୍ଥଳ ବୁଲି ଦେଖିବେ । ଭ୍ରମଣ ପରେ ବାବତପୁର ବିମାନବନ୍ଦରକୁ ଫେରିବେ। ସେଠାରୁ ସଂନ୍ଧ୍ୟା ୫ଟାରେ ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ଫେରିବାର କାର୍ଯ୍ୟକ୍ରମ ରହିଛି ।

# ବିରୋଧୀ ଦଳ ନେତା ହେଲେ ଅତିଶି

**ନୂଆଦିଲ୍ଲୀ,୨୪।୨:** ଆମ ଆଦମୀ ପାର୍ଟି ପୂର୍ବତନ ମୁଖ୍ୟମନ୍ତ୍ରୀ ଅତିଶିଙ୍କୁ ବିଧାନସଭାରେ ବିରୋଧୀ ଦଳ ନେତା କରିଛି। ଏହା ଉପରେ ଅତିଶିଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ବିରୋଧୀ ଦଳ ନେତା ହେବା ବିଷୟରେ ସେ କହିଥିଲେ ଯେ ଆମେ ଗୃହରେ ପୂର୍ଣ୍ଣ ଶକ୍ତି ସହିତ ଜନସାଧାରଣଙ୍କ ସମସ୍ୟା ଉଠାଇବୁ।

ଅତିଶି ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, ଦିଲ୍ଲୀ ବିଧାନସଭାରେ ଆମ ଆଦମୀ ପାର୍ଟି ବିଧାୟକ ଦଳର ନେତା ଦାୟିତ୍ୱ ମୋତେ ଦେବା ପାଇଁ ଆପ ଜାତୀୟ ସଂଯୋଜକ ଅରବିନ୍ଦ କେଜରିୱାଲ ଏବଂ ଆମ ଆଦମୀ ପାର୍ଟି ବିଧାୟକ ଦଳକୁ ଧନ୍ୟବାଦ ଦିଲ୍ଲୀର ଲୋକମାନେ ଆମକୁ ବିରୋଧୀ ଦଳର ଭୂମିକା ଦେଇଛନ୍ତି ଏବଂ ଏକ ଦୃଢ଼ ବିରୋଧୀ ଦଳ ଭାବରେ, ଆମେ ନିଶ୍ଚିତ କରିବୁ ଯେ ବିଜେପି



ସରକାର ଦିଲ୍ଲୀର ଲୋକମାନଙ୍କୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବ ସେ ଆହୁରି ଲେଖିଛନ୍ତି, ନିର୍ବାଚନ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ସମସ୍ତ ମହିଳାଙ୍କୁ ପ୍ରତିମାସ ୨୫୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଆମେ ନିଶ୍ଚିତ ଭାବରେ ବିଜେପି ସରକାରଙ୍କଠାରୁ ଏହି ପ୍ରତିଶ୍ରୁତି ପୂରଣ କରାଇବୁ ଆମ ଆଦମୀ ପାର୍ଟି ଗୃହରେ ପୂର୍ଣ୍ଣ ଶକ୍ତି ସହିତ ଲୋକଙ୍କ ସମସ୍ୟା ଉଠାଇବ ଦିଲ୍ଲୀ ଏବଂ ଦିଲ୍ଲୀବାସୀଙ୍କ ଅଧିକାର ପାଇଁ ଲଢ଼େଇ ଜାରି ରହିବ।

ଆପ ସଂଯୋଜକ ଅରବିନ୍ଦ କେଜରିୱାଲ ମଧ ଆତିଶୀଙ୍କୁ ବିଧାନସଭାରେ ବିରୋଧୀ ଦଳ ନେତା ହେବା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଲେଖିଛନ୍ତି, ଆମ ଆଦମୀ ପାର୍ଟିର ଗୃହର ନେତା ନିର୍ବାଚିତ ହେବା ପାଇଁ ମୁଁ ଅତିଶିଙ୍କୁ ଅଭିନନ୍ଦନ ଜଣାଉଛି। ଦିଲ୍ଲୀର ଲୋକଙ୍କ ସ୍ୱାର୍ଥ ପାଇଁ ଆପ ଏକ ଗଠନମୂଳକ ବିରୋଧୀ ଦଳ ଭୂମିକା ଗ୍ରହଣ କରିବ।

# ସ୍ମାର୍ଟଫୋନ ସେବା କେନ୍ଦ୍ର ଗୁଡ଼ିକୁ ସାମସଙ୍ଗ, ପ୍ରିମିୟମ ଡ଼ିଜାଇନ

**ନୂଆଦିଲ୍ଲୀ,୨୪।୨:** ସାମସଙ୍ଗ ଭାରତରେ ଏକ ସର୍ବବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ, ଏହାର ବର୍ଦ୍ଧିତ ସ୍ମାର୍ଟଫୋନ ଗ୍ରାହକ ସେବା ଅଭିଜ୍ଞତା ସହିତ ଏକ ବିସ୍ତୃତ ପୁନଃ-ପ୍ରତିଷ୍ଠିତ ସେବା କେନ୍ଦ୍ର ବ୍ୟବସ୍ଥିତ କରିବାକୁ ଯାଉଛି। ଏକ ନିରବଚ୍ଛିନ୍ନ ସେବା ଯାତ୍ରାର ପଦକ୍ଷେପ ପ୍ରତିଷ୍ଠିତ କରିବା ସହିତ ସାମସଙ୍ଗର ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ କ୍ରୟ ପରବର୍ତ୍ତି ଅବସ୍ଥାରେ ଅଧିକ ଉନ୍ନତ କରିବା ସହିତ ପ୍ରିମିୟମ ଗ୍ରାହକ ସେବାର ବର୍ଦ୍ଧିତ ରୂପ ଉପରେ ଦୃଷ୍ଟି ଦେବା ଏହାର ମୂଳ ଲକ୍ଷ୍ୟ।

ଏକ ଓମ୍ନି ଚାନେଲର ମିଳିତ ଅଭିଜ୍ଞତା ପ୍ରସ୍ତୁତ କରିବା ସହିତ ପ୍ରତିଷ୍ଠିତ ଏହିରି-ମଡ଼େଲ କେନ୍ଦ୍ର ଆଧୁନିକତମ ଡ଼ିଜିଟାଲାଇଜ ପ୍ରଣାଳୀକୁ ଏକାଠି କରିବା ସହିତ ସାମସଙ୍ଗର ଯୁବ ପ୍ରତିଭା ତଥା ଆକର୍ଷିତ ଗ୍ରାହକ ଆଧାରକୁ ଏହା ଅଧିକ ମାତ୍ରାରେ ପ୍ରଭାବିତ କରିପାରିବ। କେବଳ ଏକ ବିବିଧ ସାମଗ୍ରୀର ପୋର୍ଟଫୋଲିଓ ଗଠନ ନୁହେଁ ଏହା ମଧ୍ୟ ଜ୍ଞାନକୌଶଳର ନବୀକରଣ ସହିତ ଆଧୁନିକତମ ପରୀକ୍ଷା ଉପକରଣ ଗୁଡ଼ିକୁ ମଧ୍ୟ ସଠିକ୍ ମୂଲ୍ୟାୟନ ପାଇଁ ପ୍ରକୃଷ୍ଟ ପ୍ରସଙ୍ଗଉପରେ ଧ୍ୟାନ ଦେଇପାରିବ।

ଏହି ଅପଗ୍ରେଡ଼ ଗ୍ରାହକ କେନ୍ଦ୍ର ଗୁଡ଼ିକ ପାରମ୍ପରିକ ଅବସ୍ଥିତି ଠାରୁ କିଛିମାତ୍ରାରେ ଭିନ୍ନ ରହିବ ଏବଂ ଏଥିରେ ଅନ୍ୟାନ୍ୟ ସୁବିଧା ମଧ୍ୟରେ ପ୍ଲସଯୁକ୍ତ ସୋଫା ଷ୍ଟାଇଲ ବସିବାର ବ୍ୟବସ୍ଥା ସଂଯୋଗ ହେବା ସହିତ ଏକ ଇନବିଲ୍‌ଟ ୱେରଲେସ ଚାର୍ଜିଙ୍ଗ ବ୍ୟବସ୍ଥା ସର୍ବପରି ଏକ ଆରାମଦାୟକ ଲାଉଞ୍ଜ ବ୍ୟବସ୍ଥା ମଧ୍ୟ ଏଠାରେ ଉପଲବ୍ଧ ହେବ। କଳ୍ପନା କରାଯାଇପାରୁ ନଥିବା ଉପକରଣ ଗୁଡ଼ିକୁ କାନ୍ଥରେ ପ୍ରଦର୍ଶିତ କରାଯିବ ଯାହା ମଧ୍ୟରେ ସାମସଙ୍ଗର ପିନ୍ଧା ଯୋଗ୍ୟଉପକରଣ ତଥା ଏକ ଅଲଟ୍ରା ବଡ଼ ଡ଼ିଜିଟାଲ ସ୍କ୍ରିନର ବ୍ୟବସ୍ଥା ରହିବ ଯେଉଁଥିରେ ଅଧୁନତମ ନୂତନ ସାମଗ୍ରୀ ତଥା ପ୍ରିୟ ଗ୍ରାହକମାନଙ୍କ ନିମନ୍ତେ ଆକର୍ଷଣୀୟ ଅଫର ବ୍ୟବସ୍ଥା ପ୍ରଦର୍ଶନ କରାଯିବ। "ବିଗତ ଦଶନ୍ଧି ମଧ୍ୟରେ ଆମ ସହିତ ରହିଥିବା ଗ୍ରାହକମାନଙ୍କୁ ଏକ ବର୍ଦ୍ଧିତ ବିରାଟ ନେଟୱାର୍କ ସେବା ଯୋଗାଇ ଆସୁଥିବା ସାମସଙ୍ଗ ସମ୍ମିଳିତ ଭାବରେ ଆମର ସେଲସ ପାଟନର ମାନଙ୍କ ଆବଶ୍ୟକତା ମଧ୍ୟ ଦୃଷ୍ଟିକୁ ଆଣିପାରିଛି।

# କୋକା-କୋଲା ନୂତନ "ହାଫଟାଇମ" ଅଭିଯାନର ଆକର୍ଷଣୀୟ ଡ଼େବ୍ୟୁଟ

**ନୂଆଦିଲ୍ଲୀ,୨୪।୨:** କୋକା-କୋଲା ଆଉ ସବୁକୁ ପଛରେ ପକାଇ ଏହାର ପଟ ପରିବର୍ତ୍ତନକାରୀ ନୂଆ ଅଭିଯାନ 'ହାଫଟାଇମ' ଉପରେ ଅଧିକ ଦୃଷ୍ଟି ଦେଇ ଏହାର ପ୍ରଶଂସକମାନଙ୍କ ମଧ୍ୟରେ ଏକ ନୂତନ ସତେଜତା ନୂଆ ଇନ୍ଧନଯୁକ୍ତ ଜୀବନ ପ୍ରଦାନକାରୀ ମୁହୂର୍ତ୍ତକୁ ବାଂଟିବା ପାଇଁ ସବୁ ପ୍ରକାର ପ୍ରଚେ଼ଷ୍ଟା ଜାରି ରଖିଛି। ଖେଳକୁଦରେ ରହିଥିବା ଏହି ହାଫଟାଇମର ୟୁନିଭର୍ସାଲ ମହତ୍ୱକୁ ଆଣି ଏହି ଅଭିଯାନ ଏକ ଅର୍ଥପୂର୍ଣ୍ଣ ସାଧାରଣ ସ୍ୱାଦକୁ ପରିବର୍ତ୍ତିତ ରୂପରେ ଉପସ୍ଥାପିତ କରିଛି।

ବିଶ୍ୱସ୍ତରରେ ଏହାର ଶୁଭାରମ୍ଭ ଆରମ୍ଭ କରି ହାଫଟାଇମ ଏକ ମାଦକପୂର୍ଣ୍ଣ ଗଳ୍ପ କାହାଣୀ ଜରିଆରେ ସମସ୍ତଙ୍କ ଜୀବନ ମଧ୍ୟକୁ ପ୍ରବେଶ କରିଛି ଏହାର ଏକ ବ୍ରାଣ୍ଡ ଚ଼ଳଚ୍ଚିତ୍ର, ଡ଼ିଜିଟାଲ ଅଭିଜ୍ଞତା ସର୍ବୋପରି କିଭଳି ଭାବରେ ଏକ ସାଧାରଣ ସତେଜତାର ବିଷୟବସ୍ତୁ ସମସ୍ତଙ୍କ ମଧ୍ୟରେ ଆଦୃତ ହୋଇପାରିବ ଏହାର ପ୍ରସଙ୍ଗକୁ ଉପସ୍ଥାପିତ କରି। ଭାରତ ଏ ସମସ୍ତ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ଯେଉଁଠାରେକି ଏହି ଚ଼ଳଚ୍ଚିତ୍ର ପ୍ରଥମ ସ୍ପର୍ଶ ପାଇଛି ଏହାର ଏକ ମଧୁର ଢ଼ୋକର ସ୍ପର୍ଶରେ ଯାହାକି ସମସ୍ତଙ୍କୁ ଏକ ବିଶେଷ ସତେଜତାର ସ୍ମୃତିକୁ ଆହୁରି ଅଧିକ ଜୀବନ୍ତ କରିପାରିଛି। ଏଥିରେ ଅଭିନୟ କରୁଥିବା କଳାକାରମାନେ ସେମାନଙ୍କର ନିଖୁଣ କଳାକୃତିରେ ସମସ୍ତଙ୍କୁ ରି-ଚାର୍ଜ କରିବା ସହିତଏହି ଅଭିଯାନ ସମସ୍ତଙ୍କୁ ହାଫଟାଇମର ସେହି ଉତ୍କୃଷ୍ଟ ଦିଗରେ ହଜି ଯିବାର ପ୍ରୟାସ କରିଛି। ଅତିରିକ୍ତ ଭାବରେ ଏଥିରେ ରହିଥିବା ଅଭିଜ୍ଞତାକୁ ଏହାର ପ୍ରାରମ୍ଭିକ ସଙ୍ଗୀତରେ ଅଧିକ ଜୀବନ୍ତ କରିବା ପାଇଁ ଭିଏମଏଲ ଦିଲ୍ଲୀ, ଅନେକ କିଛି କଳାକୃତିକୁ ଏଥିରେ ସାମିଲ କରିଛି ଯାହାକି ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦିବାକର ବାନାର୍ଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଏଥିରେ ସଙ୍ଗୀତ ପ୍ରଦାନ କରିଛନ୍ତି ସ୍ନେହା ଖନୱାକର ତଥା ଏହାର ସଂଳାପରେ ଅଛନ୍ତି ଖୁଲକରଜୀ। ଏହାର ପ୍ରାରମ୍ଭିକ ସଙ୍ଗୀତ ଦୈନନ୍ଦିନ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଧରିରଖିବା ସହିତ ବାସ୍ତବ ଅନୁଭବତାକୁ ଅତି ନିଖୁଣ ଭାବରେ 'ହାଫଟାଇମ' ସୃଷ୍ଟି କରିବାରେ ଏକ ପ୍ରକୃତ ଅଂଶବିଶେଷ ଅଟେ। ବବିତା ବରୁହା, ସିଇଓ, ଭିଏମଏଲ ଇଣ୍ଡିଆ ଏସବୁକୁ ବର୍ଣ୍ଣନା କରିବା ଯାଇ କହିଛନ୍ତି, "କୋକା-କୋଲା ସର୍ବଦା ଏହାର ସଂସ୍କୃତିକୁ ଅଭିଯାନ ସହିତ ସମ୍ମିଳିତ କରିବାରେ ଆଗୁଆ ରହିଛି ଏବଂ ଆମର ବିଶ୍ୱାସ ଏହି ହାଫଟାଇମ ଅଭିଯାନ ମାଧ୍ୟମରେ ଆମେ ଏହାକୁ ବାସ୍ତବରୂପ ଦେବୁ। ଏହାର ଅନ୍ତର୍ନିହିତ ପ୍ରକୃତି ବାସ୍ତବରେ ବିଶ୍ୱସ୍ତରୀୟ ରହିଥିବା ବେଳେ ଅଭିଯାନ ଭାରତରୁ ଆରମ୍ଭ ହୋଇଥିବାରୁ ଆମେ ଏଥିପାଇଁ ଗର୍ବ ଅନୁଭବ କରୁଛୁ।" ଦିବାକର ବାନାର୍ଜୀ କହିଛନ୍ତି, "ହାଫଟାଇମରେ ରହିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଉଛି ଏହା ଆମ ଦେଶରୁ ହିଁ ଆସିଅଛି ଯେଉଁଠାରେକି ଆମେ କେବଳ ଗୋଟିଏ ଜିନିଷ ଉପରେ ଫୋକସ ନ କରି ବିବିଧତାକୁ ଦୃଷ୍ଟି ଦେଇଥାଉ। ତେଣୁ ଉଦାହରଣ ଭାବରେ ଆମ ଦେଶରେ ରହିଥିବା ଗଳିକନ୍ଦିର ପର୍ବରେ ରହିଥିବା ପାଗଳାମୀର ଉଦାମତା ଏହି ହାଫଟାଇମରେ ଉଭୟ ଦେଖିବାକୁ ମିଳିଛି।" କୌଶିକ ପ୍ରସାଦ, ବରିଷ୍ଠ ନିର୍ଦ୍ଦେଶକ, କୋକା-କୋଲା ମାର୍କେଟିଙ୍ଗ ତଥା କୋକା-କୋଲା କମ୍ପାନୀ ଇଣ୍ଡିଆ ଏବଂ ସାଉଥୱେଷ୍ଟଏସିଆ ଅପରେଟିଙ୍ଗ ୟୁନିଟ୍ ବିଭାଗର ମୁଖ୍ୟ କହିଛନ୍ତି, "ଆଜିର ଏହି ଗତିଶୀଳ ଦୁନିଆରେ ବିଶ୍ରାମକୁ ଗୁରୁତ୍ୱ ନଦେଇ ଆଗେଇ ଯିବା ଅତି ସରଳ ହୋଇପାରିଛି।

# ଚାମ୍ପିଅନ୍ସ ଟ୍ରଫିରେ ଆତଙ୍କୀ ହମ୍‌ଲା ଆଶଙ୍କା

ନୂଆଦିଲ୍ଲୀ,୨୪।୨: ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ହୋଇପାରେ ଆତଙ୍କୀ ହମ୍‌ଲା ଆତଙ୍କବାଦୀମାନେ ଟ୍ରଫିକୁ ଭଣ୍ଡୁର କରିବାକୁ ପ୍ଲାନ କରୁଛନ୍ତି। ଏନେଇ ପାକ୍ ଗୁଇନ୍ଦା ବିଭାଗକୁ ମିଳିଛି ପକ୍କା ଖବର। ଗୁଇନ୍ଦା ବିଭାଗର ଆଲର୍ଟ ପରେ ଆକ୍ଟିଭ ମୋଡରେ ପାକିସ୍ତାନ ସୁରକ୍ଷା ବଳ।

ଆଇସିସି ଚାମ୍ପିୟନ୍ସ ଟ୍ରଫିକୁ ଆତଙ୍କୀ ଭୟ ଆତଙ୍କବାଦୀମାନେ ବିଦେଶୀ କ୍ରିକେଟ ପ୍ରେମୀଙ୍କୁ ଅପହରଣ କରିପାରନ୍ତି।ସେମାନଙ୍କୁ ଅପହରଣ କରି ମୁଣ୍ଡ ଜାମିନ ମାଗି ପାରନ୍ତି। ଖୋଦ ପାକିସ୍ତାନର ଗୁଇନ୍ଦା ବିଭାଗ ଏପରି ସୂଚନା ଦେଇଛି। ଏକାଧିକ ଆତଙ୍କବାଦୀ ସଂଗଠନ କ୍ରିକେଟ ପ୍ରେମୀଙ୍କୁ ଅପହରଣ କରିବାର ଯୋଜନା କରୁଥିବାରୁ ପାକିସ୍ତାନ ଗୁଇନ୍ଦା ବିଭାଗ ହାଇ ଆଲର୍ଟ ଜାରି କରିଛି। ପାକିସ୍ତାନର ସୁରକ୍ଷାକର୍ମୀଙ୍କୁ ପୂରା ସ୍ଥିତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଗୁଇନ୍ଦା ବିଭାଗର ତଥ୍ୟ କହୁଛି ତେହରିକ-ଇ-ତାଲିବାନ ପାକିସ୍ତାନ(ଟିଟିପି), ଆଇଏସଆଇଏସ ଓ ବାଲୋଚିସ୍ତାନ ଭିତ୍ତିକ ଅନ୍ୟ ଆତଙ୍କବାଦୀ ସଂଗଠନ ଗୁଡ଼ିକ ଆଇସିସି ଚାମ୍ପିୟନ୍ସ ଟ୍ରଫିର ବିଦେଶୀ ଅତିଥିଙ୍କୁ ଟାର୍ଗେଟ କରିବେ। ସେମାନେ କିଛି ବିଦେଶୀ ଖେଳାଳିଙ୍କୁ ମଧ୍ୟ ଟାର୍ଗେଟ କରିପାରନ୍ତି ଅପହରଣ ପରେ ଆତଙ୍କ ଖେଳାଇ ପୂରା ବିଶ୍ୱ ଉପରେ ଚାପ ପକାଇବା ଓ ଟଙ୍କା ଆଦାୟ କରିବା ପାଇଁ ସେମାନେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି।

ଗୁଇନ୍ଦା ବିଭାଗର ଆଲର୍ଟ ପରେ ଆକ୍ଟିଭ ମୋଡରେ ପାକିସ୍ତାନ ସୁରକ୍ଷା ବଳ ଆତଙ୍କବାଦୀଙ୍କ ସବୁ ଯୋଜନା ପଣ୍ଡ କରିବାକୁ ଉଚ୍ଚସ୍ତରୀୟ ପ୍ରୋଟେକସନ ଟିମକୁ ନିୟୋଜିତ କରାଯାଇଛି।ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବିଦେଶରୁ ଆସିଥିବା କ୍ରିକେଟ ପ୍ରେମୀ ରହୁଥିବା ସ୍ଥାନ ଗୁଡ଼ିକରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଅଧିକ କଡା ହୋଇଛି।

ଏଘଟଣା ପ୍ରଥମ ନୁହେଁ ପାକିସ୍ତାନରେ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ହମଲା ହୋଇସାରିଛି। ୨୦୨୪ରେ ସଙ୍ଘଲାରେ ଚାଇନିଜ ନାଗରିକଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ହମଲା ହୋଇଥିଲା। ସେହିପରି ୨୦୦୯ରେ ପାକସ୍ତାନ ଖେଳିବାକୁ ଯାଉଥିବା ଶ୍ରୀଲଙ୍କାର ଜାତୀୟ ଟିମ ଉପରେ ଲାହୋରରେ ଏକାଧିକ ଆତଙ୍କବାଦୀ ବିଚ୍ ରାସ୍ତାରେ ଆକ୍ରମଣ କରିଥିଲେ।

ସେହି କାରଣରୁ ପାକିସ୍ତାନରେ ଅନେକ ବର୍ଷ ଧରି ଅନ୍ତର୍ଜାତୀୟ ମ୍ୟାଚ୍ ମଧ୍ୟ ବନ୍ଦ ରହିଥିଲା। ସ୍ଥିତିରେ ସୁଧାର ଆସିବା ପରେ ୧୯୯୬ ପରେ ପାକିସ୍ତାନ କୌଣସି ଆଇସିସି ଇଭେଣ୍ଟର ଆୟୋଜନ କରୁଛି ଚାମ୍ପିୟନ୍ସ ଟ୍ରଫିକୁ ସୁରକ୍ଷିତ ଭାବେ ଶେଷ କରିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ଠାରୁ ଆରମ୍ଭ କରି ସରକାର ପୂରା ଦମରେ ଲାଗି ପଡ଼ିଛନ୍ତି। ଚାମ୍ପିୟନ୍ସ ଟ୍ରଫିରେ ଯେମିତି କୌଣସି ପ୍ରକାରର ବିଶୃଙ୍ଖଳା ନ ହେବ, ସେଥିପାଇଁ ସବୁ ପ୍ରକାରର ଧ୍ୟାନ ଦିଆଯାଉଛି। କିନ୍ତୁ ଏବେ ଆତଙ୍କୀ ଷଡ଼ଯନ୍ତ୍ର ନେଇ ସତର୍କ ସୂଚନା ଜାରି ହେବା ପାକିସ୍ତାନର ଚିନ୍ତାକୁ ବଢ଼ାଇ ଦେଇଛି।



# କଭର ଡ୍ରାଇଭ୍ ନେଇ ଚିନ୍ତାରେ କୋହଲି

ଦୁବାଇ,୨୪।୨: ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ରେ ଭାରତୀୟ ବ୍ୟାଟ୍ସମ୍ୟାନ ବିରାଟ କୋହଲି ଅପରାଜିତ ଶତକ ହାସଲ କରି ଭାରତ ବିଜୟରେ ପ୍ରମୁଖ ହିରୋ ସାଜିଥିଲେ। ଏହି ମ୍ୟାଚ୍‌ରେ ବିରାଟ ୧୧୧ଟି ବଲ୍‌ର ସମ୍ମୁଖୀନ ହୋଇ ଅପରାଜିତ ୧୦୦ ରନ କରିଥିଲେ।ତାଙ୍କ ଇନିଂସ ଯୋଗୁ ଭାରତୀୟ ଦଳ ୨୪୨ ରନର ଟାର୍ଗେଟକୁ ବହୁତ ସହଜରେ ହାସଲ କରିଥିଲା ତାଙ୍କର ଐତିହାସିକ ଇନିଂସ ପରେ ବିରାଟ କୋହଲି ତାଙ୍କର ଦୁର୍ବଳତା ବିଷୟରେ ମଧ୍ୟ କହିଥିଲେ, ଯାହା ତାଙ୍କୁ ଗତ କିଛି ବର୍ଷ ମଧ୍ୟରେ ବହୁତ କଷ୍ଟ ଦେଇଛି।

ବିରାଟ କୋହଲି ସ୍ୱୀକାର କରିଛନ୍ତି, ତାଙ୍କର ଟ୍ରେଡମାର୍କ କଭର ଡ୍ରାଇଭ ତାଙ୍କୁ ଏକ କଷ୍ଟକର ସ୍ଥିତିରେ ପକାଇଛି। କାରଣ ଏହା ଗତକିଛି ଦିନ ହେବ। ତାଙ୍କର ଦୁର୍ବଳତା ସାଜିଛି। ବିସିସିଆଇ ଦ୍ୱାରା ପୋଷ୍ଟ କରାଯାଇଥିବା ଏକ ଭିଡିଓରେ ବିରାଟ କହିଛନ୍ତି, ଏହା ଏକ କଷ୍ଟକର ପରିସ୍ଥିତି। ଗତ କିଛି ବର୍ଷ ମଧ୍ୟରେ ଏହି କଭର ଡ୍ରାଇଭ ମଧ୍ୟ ମୋର ଦୁର୍ବଳତା ହୋଇଛି। କିନ୍ତୁ ମୁଁ ଏହି ସଟରେ ବହୁତ ରନ କରିଛି ମୁଁ ଭାବୁଛି ଏହି ମ୍ୟାଚ କେବଳ ମୋର ସଟ ଉପରେ ଧ୍ୟାନ ଦେବା ବିଷୟରେ ଥିଲା ଏବଂ ମୁଁ ମାରିଥିବା ପ୍ରଥମ ଦୁଇଟି ବାଉଣ୍ଡାରୀ କଭର ଡ୍ରାଇଭ ଥିଲା। ତେଣୁ ମୋତେ ଏହାକୁ ଟିକେ ସାହସର ସହିତ ନେବାକୁ ପଡିଲା।

ବିରାଟ ଆହୁରି କହିଛନ୍ତି, କାରଣ ଯେତେବେଳେ ମୁଁ ଏପରି ସଟ ମାରିଥାଏ, ମୁଁ କ୍ରିଜରେ ନିଜକୁ ନିୟନ୍ତ୍ରଣ ଅନୁଭବ କରେ। ତେଣୁ ଏହା ବ୍ୟକ୍ତିଗତ ଭାବରେ ମୋ ପାଇଁ ଏକ ଭଲ ଇନିଂସ ଥିଲା ଏବଂ ଏହା ଏକ ମହାବିଜୟ ଥିଲା ବ୍ୟକ୍ତିଗତ ଭାବରେ ଏକ ମହାନ ଦିନ ଥିଲା।




ବିରାଟ କୋହଲି କିଛି ସମୟ ଧରି ସ୍ପିନରମାନଙ୍କ ବିପକ୍ଷରେ ଦୁର୍ବଳ ଦେଖାଯାଉଛନ୍ତି। ସେ ଗତ ୫ ଥର ଦିନିକିଆରେ ଲେଗ ସ୍ପିନରଙ୍କ ବିପକ୍ଷରେ ଆଉଟ ହୋଇଛନ୍ତି। ପାକିସ୍ତାନ ବିପକ୍ଷ ଏହି ମ୍ୟାଚ୍‌ରେ ମଧ୍ୟ ତାଙ୍କୁ ସ୍ପିନରମାନଙ୍କ ବିପକ୍ଷରେରେ ବହୁତ ସତର୍କତାର ସହିତ ଖେଳିବା ଦେଖାଯାଇଥିଲା। ସେ ତାଙ୍କ ଇନିଂସରେ ମୋଟ ୭ଟି ଚୌକା ମାରିଥିଲେ, କିନ୍ତୁ ସ୍ପିନରମାନଙ୍କ ବିପକ୍ଷରେ ସେ କେବଳ ୧ଟି ଚୌକା ମାରିପାରିଥିଲେ, ଏହି ଚୌକାଟି ମଧ୍ୟ ମ୍ୟାଚ୍‌ର ଶେଷ ବଲ୍‌ରେ ଆସିଥିଲା।

# ବାବରଙ୍କୁ କୋହଲିଙ୍କ ସହ ତୁଳନା କରାଯିବା ଉଚିତ ନୁହେଁ : ଅଖତର

ନୂଆଦିଲ୍ଲୀ,୨୪।୨: ଚାମ୍ପିଅନ୍ସ ଟ୍ରଫିରେ ଭାରତ ବିପକ୍ଷରେ ଶୋଚନୀୟ ପରାଜୟ ପରେ ଏବେ ନିଜ ଦେଶରେ କଡ଼ା ସମାଲୋଚନାର ଶିକାର ହେଉଛି ପାକିସ୍ତାନ ଟିମ୍। ପୂର୍ବତନ ଖେଳାଳିଙ୍କଠାରୁ ଆରମ୍ଭ କରି କ୍ରୀଡ଼ାପ୍ରେମୀ ଟିମର ଖରାପ ପ୍ରଦର୍ଶନ ପାଇଁ ଜୋରଦାର ଟାର୍ଗେଟ୍ କରିଛନ୍ତି।ଏହାରି ଭିତରେ ବାବର ଆଜାମଙ୍କ ଉପରେ ବର୍ଷିଛନ୍ତି ପାକିସ୍ତାନର ପୂର୍ବତନ ଫାଷ୍ଟ ବୋଲର ତଥା ରାୱଲପିଣ୍ଡି ଏକ୍ସପ୍ରେସ୍ ନାଁରେ ପରିଚିତ ସୋଏବ ଅଖତର। ବାବର ଆଜାମକୁ ସେ ଫ୍ରଡ୍ ବୋଲି କହିଛନ୍ତି।

ରବିବାର ଖେଳାଯାଇଥିବା ଭାରତ ବିପକ୍ଷ ମ୍ୟାଚରେ ବାବର ୨୬ ବଲରେ ୨୩ ରନ୍ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲରେ କ୍ୟାଚ୍ଆଉଟ୍ ହୋଇଥିଲେ। ବାବର ଆଜମ୍ ଅନ୍ତର୍ଜାତୀୟ କ୍ରିକେଟରେ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଭାରତ ବିପକ୍ଷରେ ପରାଜୟ ପରେ ବାବରଙ୍କୁ ଆକ୍ଷେପ କରିଛନ୍ତି ସୋଏବ  ବିରାଟ କୋହଲିଙ୍କ ସହ ବାବରଙ୍କୁ ତୁଳନା କରାଯିବାକୁ ସେ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ସେ କହିଛନ୍ତି ଯେ ବିରାଟଙ୍କ ପାଖରେ ଗୋଟିଏ ଲିଗାସୀ ରହିଥିବା ବେଳେ ବାବର ହେଉଛନ୍ତି ଜଣେ ଫ୍ରଡ୍।ପାକିସ୍ତାନର ଏକ କର୍ଯ୍ୟକ୍ରମରେ ସୋଏବ ଆଖତର କହିଛନ୍ତି, ଆମେ ସବୁବେଳେ ବାବର ଆଜମଙ୍କୁ ବିରାଟ କୋହଲିଙ୍କ ସହ ତୁଳନା କରୁ  ଏବେ କୁହନ୍ତୁ ବିରାଟ କୋହଲିଙ୍କ ହିରୋ କିଏ ? ସଚିନ ତେନ୍ଦୁଲକର ଏବଂ ସେ ୧୦୦ ଶତକ ମାରିଛନ୍ତି ଏବଂ ବିରାଟ ତାଙ୍କ ଲିଗାସୀକୁ ପିଛା କରୁଛନ୍ତି  ବାବର ଆଜମଙ୍କ ହିରୋ କିଏ ? ଟୁକ୍ ଟୁକ୍ (କୌଣସି ଖେଳାଳିଙ୍କ ନାଁ ଉଲ୍ଲେଖ କରିନାହାନ୍ତି)।

ଅଖତର ଆହୁରି କହିଛନ୍ତି, ତୁମେ ଭୁଲ ହିରୋମାନଙ୍କୁ ବାଛିଛ । ତୁମର ଚିନ୍ତାଧାରା ହିଁ ଭୁଲ  ତୁମେ ଆରମ୍ଭରୁ ଜଣେ ଠକ ଥିଲ  ମୁଁ ପାକିସ୍ତାନ କ୍ରିକେଟ୍ ଦଳ ବିଷୟରେ କଥା ହେବାକୁ ମଧ୍ୟ ଚାହୁଁନାହିଁ  ମୁଁ କେବଳ ଦରମା ପାଉଥିବାରୁ ଏହା କରୁଛି ଅନ୍ୟପଟେ ଅଖତାର। ଭାରତର ଷ୍ଟାର୍ ବ୍ୟାଟର ବିରାଟ କୋହଲିଙ୍କ ଖେଳ ପ୍ରତି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ସେ କହିଛନ୍ତି ଆମେ ଅତୀତରେ ଦେଖିଛୁ। ଯେତେବେଳେ ଆପଣ ବିରାଟ କୋହଲିଙ୍କୁ କୁହନ୍ତି ଯେ ତାଙ୍କୁ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଅଛି, ସେ ଆସି ଶତକ କରିବେ। ତାଙ୍କୁ ଅନେକ ଅନେକ ସାଧୁବାଦ  ସେ ଜଣେ ସୁପରଷ୍ଟାର ।ହ୍ୱାଇଟ୍ ବଲରେ ସେ ହେଉଛନ୍ତି ରନ୍ ଚେଜର୍। ଆଧୁନିକ ଯୁଗର ମହାନ ।ତାଙ୍କୁ ନେଇ କୌଣସି ସନ୍ଦେହ ନାହିଁ ମୁଁ ତାଙ୍କ ପାଇଁ ବହୁତ ଖୁସି  ସେ ସମସ୍ତ ପ୍ରଶଂସା ପାଇବାକୁ ଯୋଗ୍ୟ।



# ସାମ୍ବାଦିକତାରୁ ବିଦାୟ ନେଲେ ଦିଗ୍ଗଜ କ୍ରିକେଟର ଇୟାନ ଚାପେଲ

ନୂଆଦିଲ୍ଲୀ,୨୪।୨: ଅଷ୍ଟ୍ରେଲିଆ କ୍ରିକେଟ ଟିମ୍‌ର ପୂର୍ବତନ କ୍ୟାପ୍ଟେନ ତଥା ଦିଗ୍ଗଜ କ୍ରିକେଟର ଇଆନ ଚାପେଲ ରବିବାର ତାଙ୍କ ଶେଷ ସ୍ତମ୍ଭ ଲେଖି ୫ ଦଶନ୍ଧୀରୁ ଅଧିକ ସମୟର ସାମ୍ବାଦିକତା କ୍ୟାରିୟରକୁ ଗୁଡବାୟ କହିଛନ୍ତି ୮୧ ବର୍ଷ ବୟସ୍କ କ୍ରିକେଟର ଇଏସପିଏନ୍ କ୍ରିକ୍ ଇନଫୋ ଲାଗି ଲେଖିଥିବା ତାଙ୍କର ଶେଷ ସ୍ତମ୍ଭରେ ଅନ୍ତର୍ଜାତୀୟ କ୍ରିକେଟର କିଛି ସ୍ମରଣୀୟ କ୍ଷଣର ଉଲ୍ଲେଖ କରିଛନ୍ତି ସେ ତାଙ୍କ ସ୍ତମ୍ଭରେ କହିଛନ୍ତି ଯେ ସାମ୍ବାଦିକତାରୁ ସନ୍ୟାସ ନେବା ମୋ ପାଇଁ ସେତିକି ଭାବନାତ୍ମକ ଯେତିକି କ୍ରିକେଟକୁ ଗୁଡବାୟ କହିବା ବେଳେ ଥିଲା।

ଅଷ୍ଟ୍ରେଲିଆ ପକ୍ଷରୁ ୭୫ଟି ଟେଷ୍ଟ ମ୍ୟାଚ୍‌ରେ ୫୩୪୫ ରନ କରିଥିବା ଚାପେଲ କହିଛନ୍ତି ଯେ ୫୦ରୁ ଅଧିକ ବର୍ଷ ହେଲା ଲେଖି ଆସୁଛି, କିନ୍ତୁ ଏବେ ବିଦାୟ ନେବାର ସମୟ ଆସିଯାଇଛି ଓ ଏହା ମୋ ଦ୍ୱାରା ଲେଖା ଯାଇଥିବା ଶେଷ ସ୍ତମ୍ଭ ସାମ୍ବାଦିକତାକୁ ଗୁଡବାୟ କହିବା ମୋ ପାଇଁ କ୍ରିକେଟ ଭଳି, ହେଲେ ମୁଁ ଜାଣିଛି। ଏଥି ପାଇଁ ଏହା ହିଁ ଉପଯୁକ୍ତ ସମୟ ଯେତେବେଳେ ମୁଁ କ୍ରିକେଟ ଖେଳୁଥିଲି। ଅଷ୍ଟ୍ରେଲିଆର ପୂର୍ବତନ କ୍ୟାପ୍ଟେନ ରିଚି ବେନୋଙ୍କୁ ପଚାରିଥିଲି। ସନ୍ୟାସ ନେବାର ନିଷ୍ପତ୍ତି କଣ କଷ୍ଟକର, ସେ କହିଥିଲେ ନା ଇୟାନ ଏହି ନିଷ୍ପତ୍ତି ନେବା ବହୁତ ସହଜ ତୁମକୁ ସଠିକ ସମୟ ଜଣାପଡିଯିବ।

ଚାପେଲ କହିଛନ୍ତି ତାଙ୍କ ଲେଖାରେ ଆମେରିକୀୟ କ୍ରିଡା ଲେଖକ ଲ୍ଟ ଭେଲେସ୍ଲେ ଓ ରେଡ ସ୍ମିଥଙ୍କ ବେଶ୍ ପ୍ରଭାବ ଥିଲା। ସେ କହିଛନ୍ତି ଯେ ମୋ ଲେଖନୀରେ ପୁଲିତଜର ବିଜେତା ଲେଖକ ରେଡ ସ୍ମିଥଙ୍କ ବେଶ୍ ପ୍ରଭାବ ଥିଲା। ସେ ସର୍ବଦା ଉପଯୁକ୍ତ ବର୍ଣ୍ଣନାତ୍ମକ ଶବ୍ଦ ଲାଗି ଉଦ୍ୟମରତ ରହୁଥିଲେ। କ୍ରିକେଟରୁ ସନ୍ୟାସ ନେବା ପରେ ବେନାଉଡ, ବିଲ ଲରୀ ଓ ଟୋନୀ ଗ୍ରିଗଙ୍କ ସହିତ ମିଶି ଚାପେଲ। ଏକ ପ୍ରସାରଣ ଟିମ୍ ଗଢିଥିଲେ। ଏଣୁ ଟେଲିଭିଜନରେ ଚାପେଲଙ୍କୁ ସବୁଠୁ ବେଶି ମନେ ପକାଯାଏ ତେବେ ଚାପେଲ କି-ବୋର୍ଡ ପଛପଟେ ଅଧିକ ସକ୍ରିୟ ରହୁଥିଲେ।



ପ୍ରତିଭାଶାଳୀ ପତ୍ରିକା ଓ ପରେ ବେସାଇଟ ମାଲିକ ଏରିକ ବିଚର ତାଙ୍କୁ ୧୯୭୩ ମସିହାରେ ପ୍ରଥମେ ଲେଖିବାକୁ ପ୍ରୋତ୍ସାହିତ କରିଥିଲେ। ତାଙ୍କର ଲେଖା ସବୁ ସଣ୍ଡେରେ ପ୍ରକାଶିତ ହେଉଥିଲା ପରେ ଏରିକ୍ ବିଚର ଦି ଏଜ୍‌ର ସମ୍ପାଦକ ଗ୍ରାହାମ ପାର୍କିନଙ୍କ ସହିତ ଚାପେଲଙ୍କ ଏକ ବୈଠକ ଆୟୋଜନ କରିଥିଲେ। ଏଥିରେ ପାର୍କିନ ମୋତେ ଲେଖିବା ପାଇଁ ଅନୁବନ୍ଧ କରିଥିଲେ ବୋଲି ଚାପେଲ ଉଲ୍ଲେଖ କରିଛନ୍ତି। ତେବେ ଗତ ଦୁଇ ଦଶନ୍ଧୀରୁ ଅଧିକ ସମୟ ହେଲା। ମୁଁ ମୋର ବସ୍ ମିଡ-ଡେର କ୍ଲେଟୋନ ମୁର୍ଜେଲୋ ଓ କ୍ରିକ୍ ଇନଫୋର ସମ୍ବିତ ବଳଙ୍କ ନିକଟରେ ମୁଁ କୃତଜ୍ଞ କାରଣ ସେମାନେ ମୋତେ ଲେଖିବାକୁ ପୁରା ସ୍ୱାଧୀନତା ସହ ଭରପୁର ପ୍ରୋତ୍ସାହନ ଦେଇଥିଲେ ।

ପାଖାପାଖି ୪୦ ବର୍ଷ ହେଲା ମୁଁ କମ୍ପ୍ୟୁଟରରେ ଲେଖୁଛି ଟାଇପରାଇଟର ତୁଳନାରେ କମ୍ପ୍ୟୁଟରରେ ଲେଖିବା ବେଶ୍ ସହଜ, କପି ପେପରକୁ ଫିଙ୍ଗି ପୁଣି ନୂଆ କରି ଲେଖିବା ବଦଳେ କଟ୍ ଓ ପେଷ୍ଟ କରିବା ମୋତେ ବହୁତ ସହଜ ହେଉଥିଲା, ଏହା ଏକ ବଡ଼ ପ୍ରଗତି ତେବେ କମ୍ପ୍ୟୁଟରରେ ଲେଖୁଥିଲେ ବି ମୁଁ ଏବେ ଲେଖାଲେଖି ବନ୍ଦ କରିବାର ସଠିକ ସମୟରେ ପହଞ୍ଚି ଯାଇଥିବାର ଅନୁଭବ କରୁଛି ଏଣୁ ମୁଁ ସେହିମାନଙ୍କୁ ଶୁଭକାମନା ଜଣାଉଛି ଯେଉଁମାନେ ମୋତେ ଏହି ସମୟରେ ସହଯୋଗ କରିଛନ୍ତି ଓ ମୋ ସହିତ ବନ୍ଧୁ କରିଛନ୍ତି ଚାପେଲଙ୍କ ଏହି ଘୋଷଣା ପରେ ସୋସିଆଲ ମିଡିଆରେ ଏବେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ଜଣେ ଫ୍ୟାନ ପୋଷ୍ଟ କରିଛନ୍ତି ଯେ କ୍ରିକେଟର ଦିଗ୍ଗଜଙ୍କ ମଧ୍ୟରେ ଅନ୍ୟତମ। ଯିଏ ନିଡର ଲେଖକ ପାଲଟିଥିଲେ  ଆପଣଙ୍କର ଅଭାବ ଏବେ ଆମକୁ ଅନୁଭୂତ ହେବ, ଚାପେଲ ଆପଣ ସୁସ୍ଥ ରୁହନ୍ତୁ ଏବଂ ସର୍ବଦା ସୁସ୍ଥ ରୁହନ୍ତୁ ଆଉଜଣେ ଲେଖିଛନ୍ତି।ତାଙ୍କ ନିରପେକ୍ଷ ବିଚାରର ଅଭାବ ସର୍ବଦା ରହିବ ସେହିପରି ଆଉଜଣେ ଲେଖକ ଇୟାନ ଚାପେଲଙ୍କୁ ଗୁଡବାୟ ବୋଲି ଉଲ୍ଲେଖ କରିଛନ୍ତି ସେ ଲେଖିଛନ୍ତି ଯେ ବଡ଼ ହେବା ପରେ ସେ ମୋର ସବୁଠୁ ପସନ୍ଦର ଲେଖକ ଓ ଖେଳାଳି ଥିଲେ ତାଙ୍କ କଲମର ଅଭାବ ଅନୁଭବ ହେବ ।

# ବିରାଟଙ୍କ ଶତକ ପରେ ପାକିସ୍ତାନରେ ଉତ୍ସବ ପାଳନ

ନୂଆଦିଲ୍ଲୀ : ଦୁବାଇରେ ପାକିସ୍ତାନ ସହ ଟିମ୍ ଇଣ୍ଡିଆର ହୋଇଥିବା ମ୍ୟାଚ୍‌ରେ ଭାରତର ଦମ୍‌ଦାର୍ ବିଜୟ ଦେଖିବାକୁ ମିଳିଛି। ମ୍ୟାଚ୍‌ରେ ବିରାଟଙ୍କ ବ୍ୟାଟିଂରେ ସଭିଏଁ ଝୁମି ଉଠିଛନ୍ତି



ଚମ୍ପିଆନ ଟ୍ରଫି ୨୦୨୫ରେ ଟିମ୍ ଇଣ୍ଡିଆର ପାକିସ୍ତାନ ସହ ମ୍ୟାଚ୍‌ରେ ବିରାଟ୍ କୋହଲି ଶତକ ରନ୍ ହାସଲ କରି କୋଟି କୋଟି ଦର୍ଶକଙ୍କ ମନରେ ରାଜ୍ କରିଛନ୍ତି। ବିରାଟଙ୍କ ଲୋକପ୍ରିୟତା ଖାଲି ଦେଶରେ ନୁହେଁ ବରଂ ପାକିସ୍ତାନରେ ମଧ୍ୟ ଦେଖିବାକୁ ମିଳିଛି। ପାକିସ୍ତାନରେ କ୍ରିକେଟ ପ୍ରଶଂସକମାନେ ବିରାଟଙ୍କ ଶତକରେ ଖୁସିରେ ଝୁମି ଉଠିଥିଲେ। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ହେବା ସହ ସଭିଙ୍କ ଧ୍ୟାନକୁ ଆକର୍ଷିତ କରୁଛି। ଇସଲାମାବାଦରେ ମ୍ୟାଚ୍‌ର ଏକ ବିଶେଷ ସ୍କ୍ରିନିଂ କରାଯାଇଥିଲା  ସେଥିରେ ଅନେକ ପାକିସ୍ତାନୀ ପ୍ରଶଂସକ କୋହଲିଙ୍କ ଶତକ ପୂରା କରିବା ମାତ୍ରେ ଉତ୍ସବ ପାଳନ କରିଥିବା ଦେଖାଯାଇଛି । ଏମାନଙ୍କ ମଧ୍ୟରେ ଯୁବତୀ ମଧ୍ୟ ସାମିଲ ରହିଛନ୍ତି ସମସ୍ତ ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି ।ଭିଡିଓକୁ ଦେଖିବା ପରେ ଲୋକେ ନିଜର ଭିନ୍ନ ଭିନ୍ନ ମତ ଦେଉଛନ୍ତି।

# ଜିତିଲା ନ୍ୟୁଜିଲାଣ୍ଡ : ପାକିସ୍ତାନ ବିଦା

ରାୱଲପିଣ୍ଡି,୨୪।୨:ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ସୋମବାର ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଛି ନ୍ୟୁଜିଲାଣ୍ଡ। ଫଳରେ ନ୍ୟୁଜିଲାଣ୍ଡ ସେମିଫାଇନାଲରେ ପ୍ରବେଶ କରିଥିବାବେଳେ ପାକିସ୍ତାନ ବିଧିବଦ୍ଧ ଭାବେ ବିଦା ହୋଇଛି। ଘରୋଇ ମାଟିରେ ଖେଳାଯାଉଥିଲେ ହେଁ ଘରୋଇ ଦଳ ବିଦା ହେବା ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୯ ୱିକେଟ ହରାଇ ୨୩୬ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ରଚିନ ରବିନ୍ଦ୍ରଙ୍କ ଶତକ ବଳରେ ୪୫ ଓଭରରେ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ସେହିପରି ଭାରତ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ୨୩୭ ରନ୍‌କୁ ପିଛା କରି ନ୍ୟୁଜିଲାଣ୍ଡ ୱିଲ ୟଙ୍ଗ (୦), କେନ ୱିଲିୟମସନ୍ (୫)ଙ୍କୁ ସଅଳ ହରାଇଥିଲା। ଏହା ପରେ ଡେଭନ କନୱେ (୩୦)ଙ୍କୁ ଆଉଟ୍ କରି ମୁସ୍ତଫିଜୁର ମ୍ୟାଚକୁ ରୋମାଞ୍ଚକର କରିଦେଇଥିଲେ। ତେବେ ରଚିନ ରବିନ୍ଦ୍ର ଓ ଟମ୍ ଲାଥାମ୍ ଦଳକୁ ଆଉ ଅଧିକ କ୍ଷତି ଦେଇନଥିଲେ। ରଚିନ ରବିନ୍ଦ୍ର ଆକ୍ରମଣାତ୍ମକ ଭାବେ ଖେଳି ପ୍ରଥମେ ଅର୍ଦ୍ଧଶତକ ଓ ପରେ ଶତକ ହାସଲ କରିଥିଲେ। ସେ ୧୦୫ ବଲରୁ ୧୨ ଚୌକା, ୧ ଛକା ବଳରେ ୧୧୨ ରନ୍ କରି ଆଉଟ୍ ହୋଇଥିଲେ। ପରେ ଲାଥାମ୍ ୫୫ ରନ୍, ଫିଲିପ୍ସ ଅପରାଜିତ ୨୧, ବ୍ରେସୱେଲ୍ ୧୧ ରନ୍ କରି ଦଳକୁ ଜିତାଇଥିଲେ। ଦଳ ୪୬.୧ ଓଭରରେ ୫ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶକୁ ଦୁଇ ଓପନର ତଞ୍ଜିଦ ହସନ ଓ ନଜମୁଲ ହୁସେନ ସାଣ୍ଟୋ ଭଲ ଆରମ୍ଭ ଦେଇଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୪୫ ରନ ଯୋଡ଼ିଥିଲେ। ତଞ୍ଜିଦ ହସନ ଭଲ ବ୍ୟାଟିଂ କରୁଥିଲେ ହେଁ ୨୪ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ବାଂଲାଦେଶ ମଧ୍ୟକ୍ରମରେ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ମେହଦି ହସନ ମିର୍ଜା(୧୩), ତୋହିଦ ହୃଦୟ(୭), ମୁସଫିକର ରହିମ(୨) ଓ ମେହମୁଦଲ୍ଲା(୪) ଦୁଇ ଅଙ୍କ ବି ଛୁଇଁ ପାରି ନ ଥିଲେ। ୧୧୮ ରନରେ ବାଂଲାଦେଶ ୫ ୱିକେଟ୍ ମୁସ୍କିଲ ସ୍ଥିତିରେ ପଡ଼ିଥିଲା ଅନ୍ୟପଟେ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ କ୍ରିଜରେ ଗୋଟିଏ ପଟୁ ଦଳର ମୋର୍ଚ୍ଚା ସମ୍ଭାଳିଥିଲେ ।୧୬୩ ରନ ସ୍କୋରରେ ଅଧିନାୟକ ସାଣ୍ଟୋ ୭୭ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଆଉଟ୍ ହୋଇଥିଲେ। ଏହା ପରେ ଜାକିର ଅଲ୍ଲୀ  ଓ ରିଶାଦ ହୁସେନ ଶେଷ ଆଡ଼କୁ ଭଲ ବ୍ୟାଟିଂ କରିଥିଲେ। ରିଶାଦ ୨୬ ରନର ଉପଯୋଗୀ ବ୍ୟାଟିଂ କରିଥିଲେ। ତେବେ ଜାକିର ଅଲ୍ଲୀ ଠିକଣା ସମୟରେ ରନ ଆଉଟ୍ ହେବା ବାଂଲାଦେଶକୁ ବଡ଼ ଝଟକା ଲାଗିଥିଲା ଜାକିର ୪୫ ରନର ଗୁରୁତ୍ୱପୂର୍ଣ୍ଣ ରନ କରି ରନ ଆଉଟ୍ ହୋଇଥିଲେ ଶେଷରେ ନ୍ୟୁଜିଲାଣ୍ଡ ୯ ୱିକେଟ୍ ହରାଇ ୨୩୬ ରନ କରି ପାରିଛି ।ବୋଲିଂରେ ନ୍ୟୁଜିଲାଣ୍ଡ ପକ୍ଷରୁ ମିଚେଲ୍ ବ୍ରେସୱେଲ ୨୬ ରନ ଦେଇ ୪ ସଫଳତା ପାଇଛନ୍ତି। ସ୍କିଲିୟମ ଓରୁରକି ୪୮ ରନ ଦେଇ ୨ଟି ଓ ମାଟ୍ ହେନରୀ ଏବଂ କାଇଲ ଜେମିସନ ପ୍ରତ୍ୟେକଙ୍କୁ ଗୋଟିଏ ୱିକେଟ୍ ମିଳିଛି ।




# ମ୍ୟାଚ୍ ଦେଖିଲେ ଏମଏସ ଧୋନୀ

ଚେନ୍ନାଇ: ଏମଏସ ଧୋନୀ ଚାମ୍ପିଅନ୍ସ ଟ୍ରଫିରେ ଖେଳା ଯାଉଥିବା ଭାରତ-ପାକିସ୍ତାନ ମ୍ୟାଚ୍‌ର ଆନନ୍ଦ ନେଇଛନ୍ତି। ଏହାର ଭିଡିଓ ଜିଓହଟଷ୍ଟାର ସେୟାର କରିଛି। ଏଥିରେ ଧୋନୀ ଚେନ୍ନାଇ ସୁପର କିଙ୍ଗ୍‌ସର ଜର୍ସି ପିନ୍ଧି ମ୍ୟାଚ୍ ଦେଖୁଥିବା ଦେଖିବାକୁ ମିଳିଛି।

ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫିର ଅନ୍ତିମ ଟାଇଟଲ୍ ୨୦୧୩ରେ ଏମଏସ ଧୋନୀଙ୍କ ନେତୃତ୍ୱରେ ଜିତିଥିଲା ।ଏହା ପୂର୍ବରୁ ଧୋନୀ ନିଜ ନେତୃରେ ଭାରତକୁ ଟି-୨୦ ବିଶ୍ୱକପ୍ ଓ ଦିନିକିଆ। ବିଶ୍ୱକପ୍ ଜିତାଇଛନ୍ତି। ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇ ସାରିଥିବା ଧୋନୀ ଏବେ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଆଇପିଏଲ୍ ଖେଳୁଛନ୍ତି। ଆଇପିଏଲ୍ ୨୦୨୫ର ପ୍ରସ୍ତୁତିରେ ବ୍ୟସ୍ତ ଧୋନୀ ଭାରତ ବନାମ ପାକିସ୍ତାନ ମ୍ୟାଚ୍‌ର ମଜା ଉଠାଉଛନ୍ତି। ସେ ନିଜ ଘର ନୁହେଁ ବରଂ ଏକ ବିଜ୍ଞାପନ ସେଟ୍‌ରେ ପୂରା ଷ୍ଟାଫଙ୍କ ସହ ମ୍ୟାଚ୍ ଦେଖୁଛନ୍ତି। ତାଙ୍କ ସହିତ ବଲିଉଡ ତାରକା ସନି ଦେଓଲ ମଧ୍ୟ ମ୍ୟାଚ୍ ଉପଭୋଗ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି।

ଚାମ୍ପିଅନ୍ସ ଟ୍ରଫିର ଏହି ରୋମାଞ୍ଚକର ମୁକାବିଲାରେ ଏମଏସ ଧୋନୀ ହଳଦିଆ। ରଙ୍ଗର ଜର୍ସି ପିନ୍ଧି ମ୍ୟାଚ୍ ଉପଭୋଗ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ଏହା ସିଏସକେର ମ୍ୟାଚ୍‌ର ଜର୍ସି ନୁହେଁ ଧୋନୀ ମ୍ୟାଚ୍ ଦେଖୁଥିବାର ଭିଡିଓ  ଜିଓହଟଷ୍ଟାର ସେୟାର  କରିଛି।



# 'କୋହଲିଙ୍କ ଭଳି କେହି ଚାପକୁ ସମ୍ଭାଳି ପାରିବେ ନାହିଁ'

ଦୁବାଇ,୨୪।୨: ପାକିସ୍ତାନ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚରେ ଚାପ ପରିସ୍ଥିତିରେ ବିରାଟ କୋହଲି ଯେଉଁ ଭଳି ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ, ତାହାକୁ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଏବଂ ବିସିସିଆଇ ଉପ ସଭାପତି ରାଜୀବ ଶୁକ୍ଳା ପ୍ରଶଂସା କରିଛନ୍ତି।କୋହଲିଙ୍କ ଶତକ ଯୋଗୁ ଭାରତ ୬ ଉଇକେଟରେ ପାକିସ୍ତାନ ବିପକ୍ଷ ମ୍ୟାଚକୁ ଜିତି ପାରିଛି। ଚାପ ପରିସ୍ଥିତିରେ କେଉଁ ଭଳି ଦେଶ ପାଇଁ ଖେଳାଯାଏ, ତାହା କୋହଲି ଦେଖାଇଥିଲେ ଜବରଦସ୍ତ ଶତକ ବଳରେ କୋହଲି ଦେଶ ପାଇଁ ମ୍ୟାଚ ଜିତିବା ସହ ଅନେକ ହୃଦୟ ଜିତିଛନ୍ତି।

ଯଦି ଆମେ କୋହଲିଙ୍କ ଇନିଂସକୁ ଦେଖିବା, ତେବେ ସେ କଦାପି ଶତକ ଲାଗି ବିବ୍ରତ ହୋଇ ନ ଥିଲେ। ଦଳ ଲାଗି ମ୍ୟାଚ ଜିତିବାକୁ ସେ ପ୍ରାଥମିକତା ଦେଇଥିଲେ। ସେ ଚୌକା କିମ୍ବା ଛକା ବଦଳରେ ଷ୍ଟ୍ରାଇକ ରୋଟେଟ ଉପରେ ଅଧିକ ଭରସା କରିଥିଲେ। ସେ ଶେଷ ପର୍ଯ୍ୟନ୍ତ ଖେଳି ଭାରତକୁ ମ୍ୟାଚ ଜିତାଇବାକୁ ଚାହୁଁଥିଲେ ତାଙ୍କ ଭଳି ବଡ଼ ଖେଳାଳିଙ୍କ ପାଇଁ ବ୍ୟକ୍ତିଗତ ସ୍କୋର ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ବିସିସିଆଇର ପୂର୍ବତନ ସଭାପତି ତଥା ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଠାକୁର କହିଛନ୍ତି। ସେହିଭଳି ଶୁକ୍ଲା ପ୍ରକାଶ କରିଛନ୍ତି ଯେ, ଏହା କୋହଲିଙ୍କର ଏକ ଚମତ୍କାର ଶତକ ଥିଲା ସେ ଯେଉଁ ଭଳି ଦଳକୁ ସ୍ଥିରତା ପ୍ରଦାନ କରିଥିଲେ, ତାହା ଅନ୍ୟ କେହି କରିପାରିବେ ନାହିଁ ଶ୍ରେୟସ ଓ ଗିଲ ମଧ୍ୟ ଖୁବ ଭଲ ଖେଳିଥିଲେ। ଭାରତୀୟ ଦଳ ଫୁଲ ଫର୍ମକୁ ଫେରିଛି।

# ବଡ଼ ନିଷ୍ପତ୍ତି ନେବ ପାକିସ୍ତାନ କ୍ରିକେଟ ବୋର୍ଡ

ଲାହୋର,୨୪।୨: ଭାରତ ବିପକ୍ଷରେ ଲଜ୍ଜାଜନକ ପ୍ରଦର୍ଶନ ସହିତ ଚଳିତ ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ କ୍ରିକେଟ ଦଳର ଖରାପ ପ୍ରଦର୍ଶନ ଯୋଗୁ ଟୁର୍ନାମେଣ୍ଟ ପରେ ଏହାର କୋଚ୍ ଦାୟିତ୍ୱରେ ଥିବା ପୂର୍ବତନ ଫାଷ୍ଟ ବୋଲର ଅକ୍‌ବି ଜାଭେଦ ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ମାନେ ସେମାନଙ୍କ ପଦବୀରୁ ବିଦା ହେବେ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) ସୂତ୍ରରୁ ଜଣାପଡ଼ିଛି।

ପାକିସ୍ତାନ ଫେବୃଆରୀ ୧୯ରେ କରାଚୀଠାରେ ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ୬୦ରନ୍‌ରେ ପରାଜିତ ହେବା ପରେ ରବିବାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ୬ ଉଇକେଟରେ ହାରିଯାଇଛି।

ଗତବର୍ଷଠାରୁ ପିସିବି ଯେପରି ଭାବେ କୋଚ୍ ଓ ଚୟନକର୍ତ୍ତାମାନଙ୍କୁ ବଦଳ କରି ଆସୁଛି ଏହି ପଦବୀଗୁଡ଼ିକ ପାଇଁ ନୂଆ। ପ୍ରାର୍ଥୀ ବାଛିବା ଦଳ ପାଇଁ ଏକ ଚ୍ୟାଲେଞ୍ଜ ହେବ।

ଗତବର୍ଷ ଶେଷ ଭାଗରେ ଗ୍ୟାରି କର୍ଷ୍ଟେନଙ୍କ ଇସ୍ତଫା ପରେ ପିସିବି ଚେୟାରମ୍ୟାନ ମହମ୍ମଦ ନକ୍‌ଭି ହ୍ୱାଇଟ ବଲ୍ ଦଳ ପାଇଁ ଆକ୍‌ବିଙ୍କୁ କାମଚଳା ମୁଖ୍ୟ କୋଚ ଭାବେ ନିଯୁକ୍ତି ଦେଇଥିଲେ ଅଷ୍ଟ୍ରେଲିଆର ଜାସନ ଗିଲେସ୍ପି ପଦତ୍ୟାଗ କରିବା ପରେ ଦକ୍ଷିଣ ଆଫ୍ରିକା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜ ପାଇଁ ଆକ୍‌ବିଙ୍କୁ ରେଡ୍-ବଲ୍‌ର କାମଚଳା କୋଚ୍ ଦାୟିତ୍ୱ ଅର୍ପଣ କରାଯାଇଥିଲା।ପାକିସ୍ତାନ ମାର୍ଚ୍ଚ ୧୬ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ୫ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ଏବଂ ୩ ଅନ୍ତର୍ଜାତୀୟ ଦିନିକିଆ। ଖେଳିବା ଲାଗି ନ୍ୟୁଜିଲାଣ୍ଡ ଟୁର୍‌ରେ ଯିବ ବୋର୍ଡ ଏହା ପୂର୍ବରୁ ନୂଆ। ସ୍ଥାୟୀ କୋଚ୍ ନିଯୁକ୍ତି ଦେବାକୁ ନିଷ୍ପତ୍ତି ନେଇଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ